Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 95
Monday, 8 June 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୮ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ବିଦ୍ୟାଳୟ : ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା, ୭/୬ (ଆ.ପ୍ର) : ସଂଚାରଶୀ ଯେପରି ସତ୍ୟବାଦୀଠାରେ କଳୁବନ୍ଦନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ୍ୟ ସେହିପରି ଢାଂଚାରେ ପ୍ରସ୍ତୁତ କରାଯାଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା କୁମାରବଣ୍ଡ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ କାଶୀପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପୂର୍ବରେ ଗଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି । ଏହାବ୍ୟତୀତ ରାଜ୍ୟରେ ବର୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅବସରରେ ଜନସମ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ଦେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ । ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ

ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ଢାଚାଢଗଣ୍ଡ ସୁଦୃଢ ଏବଂ ସଂଗଠିତ କରାଯିବ । ଅତ୍ୟାଧୁନିକ ଜ୍ଞାନଭିତ୍ତିରେ ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ । ସେ ପୁଣି କହିଥିଲେ ଆଜିର ଜେନ୍‌ଜୁଙ୍କୁ ନିଯୁକ୍ତି ବଜାରରେ ପିଲାମାନେ କେବଳ ଚାକିରି ଖୋଜିବେ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ସାଧନ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା । ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍.ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଉପ୍-ଆଉଟ୍ ଘର ରୋଲିଚା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଛି । ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଘଣ୍ଟାଗଡାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଇଛୁ । Child Tracking Survey ଓ ଆସ ସ୍କୁଲ ଯିମ ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି । ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ ଦେହର ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଲାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଉଳା, ବାଲେଶ୍ୱର ଜିଲ୍ଲା ଗେଣ୍ଡୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ମୁଧିପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିପୁରେ । କାର୍ଯ୍ୟକ୍ରମରେ ପୂର୍ବ ଓ ଆଜକ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ । ଏଥିକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ ।ଅନ୍ୟମାନ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଓ ବିକଶିତ ରାଜ୍ୟ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଲାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଉଳା, ବାଲେଶ୍ୱର ଜିଲ୍ଲା ଗେଣ୍ଡୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ମୁଧିପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିପୁରେ । କାର୍ଯ୍ୟକ୍ରମରେ ପୂର୍ବ ଓ ଆଜକ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ ।ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ । ଏଥିକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ ।ଅନ୍ୟମାନ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଓ ବିକଶିତ ରାଜ୍ୟ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ବାଲିଅନ୍ତା ଭିଡ଼ ହତ୍ୟା ମାମଲା, ସୌମ୍ୟଙ୍କ ଡାଏରିକୁ ନେଇ କ୍ରାଇମବ୍ରାଂଚର ତନାଘନା

ଭୁବନେଶ୍ୱର, ୭/୬ (ଆ.ପ୍ର) : ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ନୂଆ ମୋଡ଼ । କ୍ରାଇମବ୍ରାଂଚ ହାତରେ ଲାଗିଛି ସୌମ୍ୟଙ୍କ ଡାଏରି । ଯାହା ହତ୍ୟାକାଣ୍ଡ ପଛର ଗୁମର ଖୋଜିବ ବୋଲି କୁହାଯାଉଛି । ଅନ୍ୟପଟେ କ୍ରାଇମବ୍ରାଂଚ ପାଖରେ ଡାଏରି ପଢଂଚାଇଥିବା ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ ଆଶିଷ୍ଟଙ୍କି ସାଙ୍ଘାତିକ ଅଭିଯୋଗ । ତଦନ୍ତ ବଢୁଛି, ଗୁମର ଖୋଜୁଛି । କହୁଚଁଚି ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ ନୂଆ ମୋଡ଼ । କ୍ରାଇମବ୍ରାଂଚ ହାତରେ ଲାଗିଛି ମୃତ ସୌମ୍ୟଙ୍କ ଡାଏରି । ଯେଉଁ ଡାଏରିକୁ କ୍ରାଇମବ୍ରାଂଚକୁ ପଠାଇଛନ୍ତି, ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ । ଏହିଠି ଦୟାଲ ଗଙ୍ଗାଶ୍ରୀର ତାଙ୍କୁ ନିର୍ଯାତନା ଦେଉଥିବା ସମ୍ପର୍କରେ ଲେଖିଛି ଥିବା କହିଛନ୍ତି ନିଶିକାନ୍ତ । ଏଥି ସହିତ ସୌମ୍ୟଙ୍କର ହ୍ୱାଟସ୍‌ଆପ୍ ଚାଟ୍‌ର ସ୍କ୍ରିନ୍‌ଶଟ୍ ଦି ଦେଇଛନ୍ତି । ନିଶିକାନ୍ତ ଦେଇଥିବା ଡାଏରିରେ ସୌମ୍ୟ ନିଜର ବ୍ୟକ୍ତିଗତ କଥା ଲେଖିଥୁଲେ । କେଉଁମାନେ ତାଙ୍କୁ ମାନସିକ ଚାପ ଦେଉଥିଲେ, ସେମେତେ ସମସ୍ତ କଥା ଉଲ୍ଲେଖ କରିଥିଲେ ବୋଲି ନିଶିକାନ୍ତ କହିଛନ୍ତି । ଏମିତିକି ପଚରାଉଚରା ବେଳେ, ସେ ସୌମ୍ୟଙ୍କ ବାଡବରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମବ୍ରାଂଚକୁ ଦେଇଥିବା କହିଛନ୍ତି । ଯେଉଁଥିରେ ସେ ମାନସିକ ଅବସାଦରେ ଥିବା ସ୍ପଷ୍ଟ ହେଉଛି । ଔଷଧଖଣ୍ଡ କାହା ନାଁରେ କିମ୍ବା କାହା ଯୋଗୁଁ ଲେଖି ନଥିଲେ ବି, ଡାଏରି ତଥ୍ୟ ତଦନ୍ତ ପୁଲିସକୁ ନୂଆ ମୋଡ଼ ଦେଇଛି । ଖାଲି ସେତିକି ନୁହେଁ, ଆଇପିଏସ୍ ଅଧିକାରୀ ଏବଂ ଭୁବନେଶ୍ୱରର ଜିମ୍ ମାଲିକ ମଧ୍ୟ ମାନସିକ ନିର୍ଯାତନା ଦେଉଥିବା କଥା ଡାଏରିରେ ଉଲ୍ଲେଖ ରହିଛି ଓ ଏହି ଡାଏରିକୁ ହତ୍ୟାକାଣ୍ଡ ସମ୍ପର୍କିତ ଅସଲେ ତଥ୍ୟ କ୍ରାଇମବ୍ରାଂଚକୁ ମିଳିପାରିବ ବୋଲି ନିଶିକାନ୍ତ କହିଛନ୍ତି । ଅନ୍ୟପଟେ, ଓମ୍ ଏଂ ଫୁଲ ଗୁରୁତାଙ୍କୁ ନେଇ ନିଶିକାନ୍ତ ସାଂଘାତିକ ଅଭିଯୋଗ କରିଛନ୍ତି । ଏ ପର୍ଯ୍ୟନ୍ତ ତିନିଜଣଙ୍କୁ କ୍ରାଇମବ୍ରାଂଚ ପକ୍ଷରୁ ପଚରାଉଚରା କରାଯାଇଛି । ମୃତ ସୌମ୍ୟଙ୍କ ବିରୋଧରେ ଏତେଲା ଦେବା ଏବଂ ପୁଲିସ ମାମଲା ରୁଜୁ କରିବାକୁ ନେଇ ନିଶିକାନ୍ତ ପ୍ରଶ୍ନ କରିଛନ୍ତି । ହତ୍ୟାକାଣ୍ଡ ପରେ, ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି ।

ସମ୍ପତି ଲୋଭରେ ଦିଲ୍ଲୀ ପ୍ରଫେସରଙ୍କୁ ହତ୍ୟା

ନୂଆଦିଲ୍ଲୀ, ୭/୬(ୟୁ.ଏ): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଏକ କଲେଜରେ ଜଣେ ଆସିଷ୍ଟାଂଟ ପ୍ରଫେସରଙ୍କୁ ହତ୍ୟା କରାଯିବାର ତିନି ଦିନ ଭିତରେ ପୁଲିସ ହତ୍ୟାକାଣ୍ଡ ସମ୍ପର୍କିତ ପର୍ଦାଫାସ କରିଛି । ସମ୍ପତି ବିବାଦକୁ ନେଇ ଅଭିଯୁକ୍ତମାନେ ପଶ୍ଚିମବଙ୍ଗରୁ ପ୍ରାୟ ୧୪୦୦ କିଲୋମିଟର ଦୂର ଯାତ୍ରା କରି ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି ପୁଲିସ କହିଛି । ହତ୍ୟା ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ବୁଧବାର ପୂର୍ବ ଦିଲ୍ଲୀର ବସୁଧାରା ଏନକ୍ଲେଭରେ ଥିବା ସତ୍ୟମ ଆପାର୍ଟମେଂଟରେ ଶିବାଜୀ କଲେଜର ଆସିଷ୍ଟାଂଟ ପ୍ରଫେସର ଦେବେନ୍ଦ୍ରିତା ପଲାଙ୍କ ହତ୍ୟା ଘଟଣା ସାମନାକୁ ଆସିଥିଲା । ଶୁକ୍ରବାର ତଦନ୍ତ ପରେ ପୁଲିସ ପଶ୍ଚିମବଙ୍ଗର ବର୍ଦ୍ଧମାନରୁ ଜାମପ୍ରସାଦ ଦାସ ଓ ବନଶ୍ରୀ ବାଗଙ୍କୁ ଗିରଫ କରିଛି । ସେମାନଙ୍କ ନାଜାରିକ ପୁଅକୁ ମଧ୍ୟ ପୁଲିସ ଅଟକ ଲଗାଇଛି । ଦାସ ଦମ୍ପତିଙ୍କୁ ପ୍ରାନୀୟ କୋର୍ଟରେ ଛାଜର କରାଯିବ, ଯେଉଁଠାରେ ଦିଲ୍ଲୀ ପୁଲିସ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଦିଲ୍ଲୀ ନେବା ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡ ଲୋଡ଼ିବ ବୋଲି ଜଣାଯାଉଛି ।

କୋରାପୁଟ ମେଡିକାଲ କଲେଜରେ ଅବ୍ୟବସ୍ଥା; ରୋଗୀଙ୍କୁ ଦିଆଯାଉଛି ମୂଷାକଟା ସାଲାଇନ୍ !

କୋରାପୁଟ, ୭/୬ (ଆ.ପ୍ର) : ରୋଗୀଙ୍କୁ ଦିଆଯାଉଛି ମୂଷା କଟା ସାଲାଇନ୍ । ବିରୋଧ କଲେ ଭଲଟା ରୋଗୀ ଓ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରାଯାଉଛି । ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆସିଛନ୍ତି ଲୁଚୁରା ଲୁକ୍ ଆସମା ସଂଚାରଣ ଲାଟିପୁଟ୍ରା ଗାଁର ଧନସାଲ ମାଝି ଓ ତାଙ୍କ ସ୍ତ୍ରୀ ଜାସନ୍ତୀ(୩୮) । ଶେଷରେ ପତ୍ନୀଙ୍କ ବିଳିପାଲି ନଜରାଲ ଘରକୁ ଫେରାଇ ନେଇଥିବା ଧନସାଲ ଅଭିଯୋଗ କରିଛନ୍ତି । ଧନସାଲଙ୍କ କହିବାନୁଯାୟୀ, ଗତ ମାଳ ୨୯ ତାରିଖରେ ତାଙ୍କ ପତ୍ନୀ ଜାସନ୍ତୀ ଡାଉଚେରିଙ୍କୁ ପାଡ଼ିତ ହୋଇ ଅଚେତ ହୋଇପଡ଼ିଥିଲେ । ପୁଅମେ ତାଙ୍କୁ ଜୟପୁରରେ ଥିବା ଜିଲ୍ଲା ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅକ୍ସିଜେନ୍ ଦେଇ ଆମ୍ବୁଲାନ୍ସରେ ଗୋରାପୁର ପ୍ରଜାମନ୍ତର କରାଯାଇଥିଲା । ଡିସ୍ଚାର୍ଜ ପରେ ତାଙ୍କ ସ୍ୱାସ୍ଥ୍ୟପ୍ରକୃତିରେ ସୁଧାର ଆସିଥିଲା । ଆଉ ଦିନେ ୨ଦିନ ତିରେରେ ସେ ଡିସ୍ଚାର୍ଜ ହୋଇ ଘରକୁ ଫେରିଥାନ୍ତେ । ହେଲେ ଗତ ୫ ତାରିଖରେ ତାଙ୍କ ପତ୍ନୀଙ୍କୁ ସାଲାଇନ୍‌ଦେବାକୁ ଆସିଥିଲେ ଜଣେ ନର୍ସ । ଦୁଃଖର ବିଷୟ, ସାଲାଇନ୍‌ରେ ମୂଷା କାଟି ଦେଇଥିଲା । ଦେହ ଚରାଯାଇଥିବା ବେଳେ ଲୁପ୍ତ ଲୁପ୍ତ ହୋଇ ଶିଷ୍ଟାଧୀନ ପାଶି ପଡୁଥିଲା । ଏହା ଦେଖି ସେ ମୂଷା କଟା ସାଲାଇନ୍ ବଦଳାଇବା ପାଇଁ ନର୍ସଙ୍କୁ ଅନୁରୋଧ କରିଥିଲେ । ତାଙ୍କ କଥା ଶୁଣି ନର୍ସଜଣକ ଉତ୍ତେଜିତ ହୋଇ ନୂଆ ସାଲାଇନ୍ ନଦେବା ଫେରିଯାଇଥିଲେ । ଡାକ୍ତରଙ୍କ ପରିଦର୍ଶନ ବେଳେ ଏ ବିଷୟରେ ଜଣାଇଥିଲେ । ଡାକ୍ତର ମଧ୍ୟ ତାଙ୍କ କଥା ଶୁଣିବା ବଦଳରେ ଓରଟା ଦିଗିଡ଼ିଥିଲେ । ଉତ୍ତେଜିତ ହୋଇ କହିଥିଲେ, ତମେ ରୋଗୀକୁ ସେବା କରିବାକୁ ଆସିନ, ତମର ଭୁଷିବାର ଶକ୍ତି ନାହିଁ । ତୁନୁପୁରୁଲୁ ପ୍ରାମନ୍ତର କରିଦେବି, ନେଇଯାଅ ବୋଲି ଉତ୍ତେଜିତ ହୋଇ କହିଥିଲେ । ଆଉ ଦିନଜଣ ବିଳିପାଲି ଚାଲି ଥିଲେ ଡି ଡାକ୍ତର ଓ ନର୍ସଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପତ୍ନୀଙ୍କୁ ନେଇ ଘରକୁ ଫେରିଯାଇଥିଲେ । ଜେବେ ଧନସାଲ କି ଜାସନ୍ତୀ ନୁହେଁ, ତାଙ୍କ ଭଳି ଅନ୍ୟ ରୋଗୀ ଓ ସମ୍ପର୍କୀୟମାନେ ବି ମେଡିକାଲ୍ କର୍ମଚାରୀଙ୍କ ଅଶାଳୀନ ବ୍ୟବହାରର ଶିକାର ହେଉଛନ୍ତି । ଯଦି କେହି ବିରୋଧ କରେ ଅଯଥାରେ ହଇରାଣ କରାଯାଉଛି । ଯାହାଫଳରେ ଭୟଭୀତ ହୋଇ ବିଳିପାଲି କରାଇବା ବଦଳରେ ରୋଗୀଙ୍କୁ ନେଇ ସମ୍ପର୍କୀୟମାନେ ଘରକୁ ଫେରିଯାଉଛନ୍ତି ।

ମଧ୍ୟପ୍ରାଚ୍ୟ ଯୁଦ୍ଧର ୧୦୦ ଦିନ: ଜାତିସଂଘ ବିଫଳ, ବୈଶ୍ୱିକ ସଙ୍କଟ ବଢୁଛି

ଦୁବାଇ/ତେହେରାନ, ୭/୬(ୟୁ.ଏ): ଇରାନ ବିରୁଦ୍ଧରେ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଭୟଙ୍କର ଯୁଦ୍ଧ ଆଜି ୧୦୦ ଦିନରେ ପହଂଚିଛି । ଦିନକୁ ଦିନ ଏହି ସଂଘର୍ଷ ସମଗ୍ର ଅଂଚଳକୁ ନିଜ କବଳକୁ ନେବାରେ ଲାଗିଥିବା ବେଳେ ବୈଶ୍ୱିକ ସଙ୍କଟ ବଢ଼ିଚାଲିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ସମଗ୍ର ବିଶ୍ୱର ଭୂ-ରାଜନୀତି, ଶକ୍ତି ସୁରକ୍ଷା ଏବଂ ଅନ୍ତର୍ଜାତୀୟ ସମ୍ପର୍କରଣକୁ ଗଭୀର ରୂପେ ବଦଳାଇ ଦେଇଛି । ସାମରିକ ଅଥବିତିତି ପାଇଁ ଚେଷ୍ଟା ଜାରି ରହିଥିବେ ମଧ୍ୟ ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ତୁମୁଳ ତୁଳ ଆକ୍ରମଣ ଏହି ଶାନ୍ତି ପ୍

ସମସ୍ତଙ୍କ
ଆରମ୍ଭ
SEITHO ARAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଗୋଟିଏ ଜୁଇରେ ବାପ ପୁଅ

ଚିଲିକା/ବାଣପୁର, ୦୭/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ କୁମାରାଙ୍ଗ ପଂଚାୟତର କେଶପୁର ଗ୍ରାମର ଏକ ଅଜାଡନୀୟ ଘଟଣା ଅଂଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି । ଶୁକ୍ରବାର ବିକାଳିତ ରାତିରେ ନିଶ୍ଚଝାଯାଇ ବାପା ଭାଗରେ ଘରୁ ଯାଇ ରେଳଧାଗାଣରେ ଆତ୍ମ ହତ୍ୟା କରିଥିବା ବେଳେ ପୁଅ ଘରେ ବିଷ ପିଇ ଆତ୍ମହତ୍ୟା କରିଥିଲେ । ଶନିବାର ଦିନ ଗାଁ ଶ୍ମଶାନରେ ଉଭୟଙ୍କ ଲୁଚ ଏକାଠି କରିଛି । ଉଧାର କରଜକୁ ନେଇ ବାପ, ପୁଅ ଜୀବନ ହାରିବା ସମ୍ପର୍କ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଘଟଣାରୁ ପ୍ରକାଶ ଯେ କେଶପୁର ଗ୍ରାମର ନବଘନ ପ୍ରଧାନଙ୍କର ଚାରିଜଣ ପୁଅ ଓ ଏକମାତ୍ର ଝିଅ । ଏକ ମାନଙ୍କୁ ନେଇ ପରିବାର ଥିଲା । କିଛି ବର୍ଷ ପୂର୍ବେ ଦୁର୍ଘଟଣାରେ ବଡ଼ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ପୁଅ ଓ ଝିଅର ବିବାହ କାର୍ଯ୍ୟ ସରିଛି । ପୂର୍ବରୁ ନବଘନ ହାତ ଉଧାର କରି ଧାନ କରଜରେ ବୁଡ଼ି ରହିଥିବା ବେଳେ ୩ ପୁଅ ବିଦେଶରେ ରହି କାମ କରନ୍ତି । ବଡ଼ ଦୁଇ ପୁଅ ସେମାନଙ୍କ ଅର୍ଜିତ ଅର୍ଥକୁ ପରିବାର ପ୍ରତି ପୋଷଣରେ ଲଗାଉଥିଲା ବେଳେ ସାନ ପୁଅ ଡୋମ୍ପାନ ପ୍ରଧାନ (୩୦)ର ଲୋକଗାଗରେ ପରିବାରର ଧାର କରଜ ସୁଝୁଥିଲେ । ଗାଁ ଘରନିରୁ ହାତ ଉଧାର କରି ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କରଜରେ ବୁଡ଼ିଥିଲେ ନବଘନ । ଦଶ ଦିନ ତଳେ ବିଦେଶରୁ ଘରକୁ ଫେରିଥିଲେ ଡୋମ୍ପାନ । ଋଣ ଅର୍ଥରୁ ୫ ଲକ୍ଷ ଟଙ୍କା ନବଘନ ବିବାହିତ ଝିଅକୁ ଦେଇଥିବା ଡୋମ୍ପାନ ଜାଣିବା ପରେ ଶୁକ୍ରବାର ରାତିରେ ଏନାକୁ ନେଇ ବାପ, ପୁଅଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏହାକୁ କେନ୍ଦ୍ର କରି ନବଘନ ଘର ଛାଡ଼ି ସାଇକେଲ୍ ନେଇ ମଧ୍ୟ ରାତ୍ରୀରେ ଘରୁ ବାହାରିଥିଲେ । ବାପା ଘର ଛାଡ଼ି ପଳେଇବାରୁ ରାଗରେ ପୁଅ ଡୋମ୍ପାନ ବିଷ ପିଇଦେଇଥିଲେ । ପରିବାରର ଅନ୍ୟ ସଦସ୍ୟାଙ୍କ ଠାରୁ ଖବର ପାଇ ଗ୍ରାମବାସୀ ତୁରନ୍ତ ଡୋମ୍ପାନଙ୍କୁ ବାଣପୁର ଭାଲ୍ଲବଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ଖୋର୍ଦ୍ଧା ରେଫର କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସକାଳୁ ନବଘନଙ୍କୁ ଖୋଜାଖୋଜି କରି ତାଙ୍କର ଖବର ନେବା ବେଳେ ବାଲୁଗାଁ ଷ୍ଟେସନ ପାଖ ରେଳ ଧାରଣାରୁ ମୃତଦେହକୁ ପାଇଥିଲେ । ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ଏକାଠି ବାପା, ପୁଅଙ୍କ ଲୁଚ ଜଳିଥିବା ଗାଁ ଶ୍ମଶାନରେ । ଘଟଣାଟି ଗ୍ରାମରେ ଖୋଲାଲୁଚ ପରିବେଶ ସୃଷ୍ଟି କରିଛି ।

ଅଣଚାଷୀଙ୍କ ଗୋଦାମରେ ଚଢ଼ାଉ, ୪୭.୭୦ କ୍ୱିଂଟାଲ ଧାନ ଜବତ

ନୂଆପଡ଼ା, ୦୭/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ଚରି ଧାନ ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ବେଳେ ଅବୈଧ ଧାନ ମଜୁଦ ଓ ବେଆଇନ ଭାଉଚାର ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ଚଢ଼ାଉ ଜାରି ରହିଛି । ଶନିବାର ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ମନିବପଡ଼ାସ୍ଥିତ ଏକ ଭଡ଼ା ଗୋଦାମ ଉପରେ ଚଢ଼ାଉ କରାଯାଇ ୧୬୪ଟି ବସ୍ତାରେ ଗଚ୍ଛିତ ଥିବା ମୋଟ ୪୭.୭୦ କ୍ୱିଂଟାଲ ଧାନ ଜବତ କରାଯାଇଛି । ଯୋଗାଣ ବିଭାଗର ସୂଚନା ଅନୁଯାୟୀ, ଅଣଚାଷୀ ରବୀନ୍ଦ୍ର ଗୁପ୍ତାଙ୍କ ଦ୍ୱାରା ଉକ୍ତ ଗୋଦାମରେ ଧାନ ମଜୁଦ କରାଯାଇଥିବା ଅଭିଯୋଗ ପାଇବା ପରେ ପ୍ରଶାସନ ପକ୍ଷରୁ ଯାଂଚ କରାଯାଇଥିଲା । ଯାଂଚ ସମୟରେ ବହୁ ପରିମାଣର ଧାନ ଗଚ୍ଛିତ ଥିବାଦେଖି ଚାରାଜୁ ଜବତ କରାଯାଇଥିଲା । ଏହି ଚଢ଼ାଉ ଅଭିଯାନ ନୂଆପଡ଼ା ଅଚିରିତ୍ର ତହସିଲଦାର ଜଗନ୍ନାଥ ମାଝୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ସହକାରୀ ଯୋଗାଣ ଅଧିକାରୀ ଦୁଷ୍ମନ୍ତସେଣ ନାୟକ ଏବଂ ଯୋଗାଣ ନିରୀକ୍ଷିକା ଶୁଭଶ୍ରୀ ଦାଶ ଉପସ୍ଥିତ ରହିଥିଲେ । ଧାନର ଉଷ ଓ ମଜୁଦ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଯାଂଚ କରାଯାଇଥିବାବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି । ଅବୈଧ ଧାନ ମଜୁଦ, ପରିବହନ ଏବଂ କଳାବଜାରୀ ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଓ ଯାଂଚ ଅଭିଯାନ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଶୁଣିଲେ ପ୍ରଶାସନ ନିର୍ମାଣ ହେବ ପଦାସାହି ସ୍କୁଲ ସୁରକ୍ଷା ପ୍ରାଚୀର

ଜି.ଉଦୟଗିରି,୦୭/୦୬ (ଆ.ପ୍ର) : ଜି.ଉଦୟଗିରି ପରିଷଦ ଅନ୍ତର୍ଗତ ୧ ନମ୍ବର ୱାର୍ଡ଼ ପଦାସାହି ଠାରେ ଥିବା ବହୁ ପୁରାତନ ପ୍ରଥମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯେଉଁଠି ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛୁଆଙ୍କୁ, ପଦାସାହି, ପିଡ଼ିକାମାଝାର ବହୁ ଛାତ୍ରୀଛାତ୍ର ପାଠ ପଢ଼ନ୍ତି । ବିଦ୍ୟାଳୟଟି ବର୍ଷର ବହୁକାଳ ରାଜ୍ୟ ରାଜପଥ କଡ଼ରେ ରହିଥିବାରୁ ଦୁର୍ଘଟଣାର ବିପଦ ରହିଥିବା ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଏବଂ ପରିଚାଳନା କମିଟି ଆଶଙ୍କା ପ୍ରକାଶ କରି ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ବହୁ ବାର ସରକାରଙ୍କ ଶିକ୍ଷା ବିଭାଗକୁ ଲିଖିତ ନିବେଦନ କରାଯାଇଥିଲା ଓ ଖବର କାଗଜରେ ଏନେଇ ଖବର ପ୍ରକାଶ ପାଇଥିଲା । ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ଶିକ୍ଷା ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ଶେଷରେ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଗ ସ୍ଥାନୀୟ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ନିଜ ସ୍କୁଲ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଦାବୀ ଉଖାଡ଼ିଲେ ଯାହାର ଫଳ ସ୍ୱରୂପ ଏବେ ସ୍କୁଲ ନିମନ୍ତେ ସୁରକ୍ଷା ପ୍ରାଚୀର ଓ ଗେଟ ନିର୍ମାଣ କେବାଳୁ ଯାଉଛି । ଏନେଇ ରବିବାର ସ୍ଥାନୀୟ ଏନ୍‌ଏସି ଜନିଷ୍ଟ ଯତ୍ନୀ ସୁଶାନ୍ତ କୁମାର ସାହୁ, ଉପାଧ୍ୟକ୍ଷ ଶ୍ରୀ ବାଗଙ୍କ ଉପସ୍ଥିତିରେ ସତ୍ୱର ଠାରୁ ଆରମ୍ଭୀୟ ସ୍ଥାନ ଦୂରତା ରଖି ମାପ ଯୁପ କରି ପ୍ରାଚୀର ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରୁଥିବା ଦେଖିବାକୁ ମିଳିଛି । ଯାହା ହେଉ ବହୁ ଦିନର ସମସ୍ୟାର ସମାଧାନ ହେବାକୁ ଯାଉଛି ସୁରକ୍ଷା ପ୍ରାଚୀର ନିର୍ମାଣ ପରେ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଦୁର୍ଘଟଣା ଓ ସ୍କୁଲ ପରିସର ସୁରକ୍ଷା ହୋଇପାରିବ ।

ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

ପାରଜାଖେମୁଣ୍ଡି, ୦୭/୦୬ (ଆ.ପ୍ର) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗତ ୪ଦାରିଖରୁ ଆରମ୍ଭ ହୋଇ ତିନି ଦିନ ଧରି ଚାଲିଥିବା ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏଇ କାର୍ଯ୍ୟଶାଳାରେ ଜିଲ୍ଲାର ରାୟଗଡ଼, ରାମଗିରି, ନାରାୟଣପୁର, ନୂଆଗଡ଼, ରା ଉଦୟଗିରି ଓ ପାରଜାଖେମୁଣ୍ଡି ସ୍ଥିତ ଶିଶୁ ମନ୍ଦିର ମାନଙ୍କରେ ସେବାରତ ୬୦ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଯୋଗ ଦେଇଥିଲେ । ପାରଜାଖେମୁଣ୍ଡି ପୌରପାଳିକାର ପୌରାଧ୍ୟକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ ଏବଂ ଗୌରାଙ୍ଗ ପାଣିଗ୍ରାହୀ ସମାରୋହ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ବିଚାର ବ୍ୟକ୍ତ କରିଥିଲେ । ଏଇ ତିନିଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ସୁବାଷ ଜମାଦାର, ଉପସଭାପତି ସଞ୍ଜୟ ଜେନା, ସଂପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରମୋଦ ବନ୍ଧୁ ପାତ୍ରୀ, ସଦସ୍ୟା ସରିତା ପାଣିଗ୍ରାହୀ ଓ ସବିତା ଗମାଙ୍ଗ ଯୋଗ ଦେଇ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ହରିନାଥ ପାତ୍ର, ମନୋଜ କୁମାର ପଣ୍ଡା, ଜନ୍ମେଜୟ ସାହୁ, ପୂଜା ରାମାନନ୍ଦ ଦାସଙ୍କୀ, ଅନାଦି ପାଣିଗ୍ରାହୀ ଲତ୍ୟାଦି ଯୋଗ ଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଦିଗ୍ ଦର୍ଶନ ଦେଇ ଥିଲେ । ଅନୁଷ୍ଠାନର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ କାର୍ଯ୍ୟଶାଳାର ସଫଳତାରେ ସହଯୋଗ କରିଥିଲେ । ପାରଜାଖେମୁଣ୍ଡି ସଂକୁଳର ପ୍ରମୁଖ ପ୍ରମୋଦ କୁମାର ରଥ ଓ ସଂଯୋଜକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟଶାଳା ପରିଚାଳିତ ହୋଇଥିଲା । ଶିକ୍ଷା ବିକାଶ ସମିତିର ନିର୍ଦ୍ଦେଶନା ଓ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ପ୍ରଶିକ୍ଷଣଟି ସମ୍ପନ୍ନ ହୋଇଥିଲା ।

ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଂକ ହସ୍ତକ୍ଷେପ ଫଳରେ ନୂଆ ଟ୍ରାନ୍ସଫର୍ମର ଲାଗିଲା

ପାରଜାଖେମୁଣ୍ଡି, ୦୭/୦୬ (ଆ.ପ୍ର) : ଗଜପତି ଜିଲ୍ଲା ଆରଉବରଗିରି ବ୍ଲକର ସର୍ଦ୍ଦାଝି ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ଅଭାଗୀ ହୋଇଯାଇଥିଲା । ଫଳରେ ଗ୍ରାମବାସୀ ଗଜପତି ବିଦ୍ୟୁତ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କାଳତେଣ୍ଟାଖୀ ଉଦ୍ଯତିରେ ଟ୍ରାନ୍ସଫର୍ମର ପରିବର୍ତ୍ତାଇ ଗତ ୧୮ ଦିନ ହେଲା ଗ୍ରାମବାସୀ ହଇରାଣ ହେଉଥିଲେ । ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କ ଉଦ୍ୟମରେ ପୁନର୍ବାର ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହୋଇପାରିଛି । ତେଣୁ ଗ୍ରାମବାସୀ ନିର୍ବାହୀ ଯନ୍ତ୍ରୀ ଓ ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ସିଏମ୍ ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ବାଳକ ଓ ବାଳିକା ଚାମ୍ପିୟନସିପ୍ -୨୦୨୬ ଉଦଯାପିତ

ଅନୁଗୋଳ, ୦୭/୦୬ (ଆ.ପ୍ର) : ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ ଅନ୍ତର୍ଗତ ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୪ (ଅନୁଗୋଳ) ବାଳକ ଓ ବାଳିକା ଚାମ୍ପିୟନସିପ୍-୨୦୨୬ ଉଦଯାପିତ ହୋଇଯାଇଛି । ଓଡ଼ିଶା କବାଡ଼ି ସଂଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଅନୁଗୋଳ ଜିଲ୍ଲା ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ୦୪.୦୬.୨୦୨୬ ରୁ ୦୬.୦୬.୨୦୨୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଗୋଳ ସାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ବାଳିକା ବର୍ଗରେ ଅନୁଗୋଳ ୩୧-୩୦ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳକ ବର୍ଗରେ ନୟାଗଡ଼ ୪୬-୩୨ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମ ଗୋପ ଗୋବିନ୍ଦ ସାମନ୍ତ, ନରେନ୍ଦ୍ର ମହାଜୁଳ, ପେଷ୍ଟାର ଗଜନାୟକ, ଜିତେନ୍ଦ୍ର କୁମାର କର, ଗୁଟିରା ଦାସ ଏବଂ ପ୍ରଭାସ ଦାଶ ଉପସ୍ଥିତ ରହିଥିଲେ ।

ବ୍ୟାଙ୍କ ଋଣ ଆଣି ହଟହଟା ହିତାଧିକାରୀ ସମୟ ପରେ ଘର ସିଲ୍‌କୁ ବିରୋଧ

କୁଚୁଗଣ୍ଡି, ୦୭/୦୬ (ଆ.ପ୍ର) : ବ୍ୟାଙ୍କରୁ ଋଣ ଆଣି ବ୍ୟାଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି ଜଣେ ହିତାଧିକାରୀ । ଛୋଟ ଉଦ୍ୟୋଗ କରିବା ସହ ଘର ପାଇଁ ଋଣ ଆଣିଥିବେ ଅଙ୍କୁଶପୁରର ଜଣେ ହିତାଧିକାରି ଶିଶିର ଦାସ । ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ କରିବାରେ ଅସମର୍ଥ ହେବା ପରେ ଘର ଓ ବ୍ୟବସାୟ ହରାଇବାର ଆଶଙ୍କାରେ ଦିନ କାଟୁଛନ୍ତି । ସୂଚନା ଅନୁସାରେ, ଶିଶିର ଦାସ ପ୍ରଥମେ ଏକ ଭଡ଼ା ଘରେ ଧୂପକାଠି ତିଆରି ମେସିନ ସ୍ଥାପନ କରି ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ବ୍ୟବସାୟ ଭଲ ଚାଲିବା ପରେ ନିଜ ନାମରେ ଜମି କିଣି ଘର ନିର୍ମାଣ ପାଇଁ ହୁଚୁପୁର ଇଣ୍ଡିଆନ ବ୍ୟାଙ୍କରୁ ୩୫ ଲକ୍ଷ ୯୭ ହଜାର ଟଙ୍କାର ହୋମ୍ ଲୋନ୍ ନେଇଥିଲେ । ପରେ ବ୍ୟବସାୟ ବିସ୍ତାର ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କାର ମୁଦ୍ରା ଋଣ ମଧ୍ୟ ଗ୍ରହଣ କରିଥିଲେ । କିଛି ବର୍ଷ ପରେ ଶିଶିରଙ୍କ ସ୍ୱାସ୍ଥ୍ୟ ଅବନତି ଘଟିବା ସହ ବ୍ୟବସାୟରେ କ୍ଷତି ହେବାପରେ ମାସିକ ଋଣ କିସ୍ତି ପରିଶୋଧ କରିବାରେ ଅସମର୍ଥ ହୋଇଥିଲେ । ଶିଶିର ଦାସ ଋଣର ସୁଧ ହାର କମାଇବା ସହ କିସ୍ତି ପରିଶୋଧ ପାଇଁ ଅଧିକ ସମୟ ଦେବାକୁ ବ୍ୟାଙ୍କ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ବ୍ୟାଙ୍କ ଗୁରୁତ୍ୱ ଦେଇନଥିବା ସେ ଅଭିଯୋଗ କରିଛନ୍ତି । ପରିସ୍ଥିତି ଜଟିଳ ହେବା ପରେ ଶିଶିର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳ ଘଟଣାରୁ ଗୁରୁତର ଭାବେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କିଛି ଅଧିକ ସମୟ ଦେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ତହସିଲଦାର ଏବଂ ପୋଲିସ ଜଳିଆରେ ବ୍ୟବସାୟ ପ୍ରତିଷ୍ଠାନକୁ ସିଲ୍ କରିବା ପାଇଁ ନୋଟିସ ଆସିଥିବାରୁ ଚିନ୍ତାରେ ପଡ଼ିଛନ୍ତି ଶିଶିର ଦାସ । ଜିଲ୍ଲାପାଳଙ୍କ ଧୀର୍ଯ୍ୟ ସମୟ ଉପରେ ହେବାପରେ ମଧ୍ୟ ବାଙ୍କୁ ବ୍ୟାଙ୍କ ପକ୍ଷରୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ।

ବାଣପୁର ମୁକ୍ତି ଦିବସ ସମାରୋହ ଉଦଯାପିତ

ଚିଲିକା/ବାଣପୁର, ୦୭/୦୬ (ଆ.ପ୍ର) : ପରାଧୀନ ଭାରତ ବର୍ଷରେ ଫିରିଙ୍ଗିଙ୍କୁ ବିରୁଦ୍ଧରେ ଲଢ଼େଇ କରି ବାଣପୁରକୁ ତିନିଦିନ ପାଇଁ ଫିରିଙ୍ଗିମୁକ୍ତ କରି ସ୍ୱାଧୀନ ବାଣପୁର ଘୋଷଣା କରିଥିବା ଘଟଣା ଭାରତ ଇତିହାସରେ ପ୍ରଥମ । ଏହି ଅନାଲୋଚିତ ଐତିହାସିକ ଘଟଣାବଳୀକୁ ରାଜ୍ୟ ସରକାର ପାଠ୍ୟପୁସ୍ତକରେ ସ୍ଥାନ ଦେଇ ଜୁନ ୪.୫.୬ ତିନିଦିନ ବାଣପୁର ମୁକ୍ତି ଦିବସକୁ ସ୍ମରଣୀୟ କରିବାପାଇଁ ରାଜ୍ୟସ୍ତରୀୟ ମୁକ୍ତି ଦିବସ ଭାବରେ ପାଳନ କରେ ବୀର ବିପୁଳୀ ସାହାଦ କୃତିବାସଙ୍କ ପ୍ରତି ଅନୁଚିତ ଶ୍ରଦ୍ଧାଞ୍ଜଳି ଦେଇ ବୋଲି ସମାରୋହରେ ଉପସ୍ଥିତ ଅତିଥି ବର୍ଗ ଓ ବୁଦ୍ଧିଜୀବି ବକ୍ତବ୍ୟ ରଖି ଏ ସଂପର୍କରେ ଗଣମାଧ୍ୟମ ବଂଶ୍ୟୁମାନେ ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରି ସାହାଦ କୃତିବାସଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜୁନ ୪ରେ ଐତିହାସିକ ପଟ୍ଟଚିତ୍ର ପଡ଼ିଆରେ ମୁକ୍ତି ପତାକା ଉତ୍ତୋଳନ ଦ୍ୱାରା ଆରମ୍ଭ ହୋଇଥିବା ଏହି ସମାରୋହ ବହୁ ଆଲୋଚନାବହ, ଦେଶାତ୍ମବୋଧକ କବିତା ପାଠୋତ୍ତର, ପାଇକ କବିତା ଆବୃତ୍ତି, ଚିଲିକ୍ର ଐତିହାସିକଙ୍କ ଦ୍ୱାରା ରଚିତ ଓଡ଼ିଶୀ ଇତିହାସରେ ଉଲ୍ଲିଖିତ ପାଇକ ବିଦ୍ରୋହ ସହିତ ଚିଲିକ୍ର ପତ୍ର ପତ୍ରିକାରେରେ ପ୍ରକାଶିତ କବି, ଗାଳ୍ପିକ, ନାଟ୍ୟକାରଙ୍କ ରଚିତ ଏ ସଂପର୍କିତ କବିତା, ପ୍ରବନ୍ଧ ଓ ନାଟକ ଉପରେ ପର୍ଯ୍ୟାଲୋଚନା ଇତ୍ୟାଦି କାର୍ଯ୍ୟକ୍ରମ ଶେଷରେ ଜୁନ୍ ୬ ଅପରାହ୍ନରେ ସହାଦ କୃତିବାସ ଭବନରେ ଉଦଯାପନ ଦିବସ ଅନୁଷ୍ଠିତ ହୋଇଥିଲା । ସମାରୋହର ଆବାହକ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକଙ୍କ ସଭାପତିତ୍ୱରେ ଏବଂ ମୁକ୍ତି ଦିବସ ସ୍ଥାନୀୟ କମିଟିର ସଂପାଦକ କବି ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ଏ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶ୍ୱମୁକ୍ତି ସାହିତ୍ୟ ପତ୍ରିକାର ସଂପାଦକ କବି ପ୍ରଫେସର ଶଙ୍କାଙ୍କ ଶୋଣିତ ବୃନ୍ଦାମଣି, ସମ୍ମାନିତ ଅତିଥି ଭାବରେ ନିଖିଳ ଜଳକ ପାଇକ ସଂଘର ସଭାପତି ଅଶୋକ ପାଇଚାଷିଂ, ରାଜ୍ୟ ପାଇକ ଅଖଡ଼ା ମହାସଂଘର ସଂପାଦକ ଗୁରୁ ଜେବାରନାଥ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ନାହାକ ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଲକ୍ଷ୍ମୀଧର ଗୁରୁଙ୍କି ଯୋଗଦେଇ ବଳି ଜଗଦଂଧୂଳ ଡାଳରାରେ ବାଣପୁର ମାଟିରେ ସଂଗଠିତ ପ୍ରଥମ ପାଇକ ବିଦ୍ରୋହ ଏବଂ ଏହାର ମହାନାୟକ ଭାରପତ୍ରା ଗଡ଼ର ବଳବେହେରା ଦୀନବନ୍ଧୁ ମହାନଥା ସାମନ୍ତରାୟ, ଶ୍ୟାମସୁନ୍ଦର ପାଟଶାଣୀ, ଏବଂ ୧୮୩୬ ବିଦ୍ରୋହର ସେନାପତି ଅରାଙ୍ଗ ଗଡ଼ର ବଳବେହେରା ବିପୁଳୀ କବିତାସ ପାଟଶାଣୀ, ଭାଳାସଂଚାଳନ ନାୟକ ଓରଫ ଶଙ୍କର ସିଂ, ପାଇକବର୍ଗୀୟ ଲୋକନ ବିଶୋଲ, ଶିବ ବିଶୋଲ, ଦୀନା ଲାନା, ସାଧୁ ଜାନାଙ୍କ ମାଟିର ମୁକ୍ତି ପାଇଁ ତ୍ୟାଗ ଓ ବଳିଦାନ ସଂପର୍କରେ ଦିଷ୍ପନ୍ନ ବ୍ୟାଲ୍ଲବ୍ୟ ରଖି ଇତିହାସର ଏହି ବିରଳ ଦୃଷ୍ଟାନ୍ତମୂଳକ ଘଟଣାବଳୀକୁ ସମ୍ମାନ ଜଣାଇ ରାଜ୍ୟ ଓ କେନ୍ଦ୍ର ସରକାର ଏହା ଉପରେ ଅଧିକ ପର୍ଯ୍ୟାଲୋଚନା ପୂର୍ବକ ଭାରତ ଇତିହାସ ପୃଷ୍ଠାରେ ଏହାକୁ ସ୍ଥାନ ଦେବାକୁ ନିବେଦନ କରି ସହ

ଶୀର୍ଷସ୍ଥାନୀୟ
ଆରମ୍ଭ
SEITHO ARAMBHA

ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦି ଓଡ଼ିଶା ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା

ନୋଟିସ ନଂ – ୦୧ ତା ୦୫/୦୩/୨୦୨୬ ଖ୍ରିଷ୍ଟ

ଏତଦ୍ଦ୍ୱାରା ଦି ଓଡ଼ିଶା ସମବାୟ ସମିତି ଲିଃର ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ଜଣାଇ ଦିଆଯାଉଅଛି ଦି ସମିତିର ୨୦୨୫-୨୭ ଆର୍ଥିକ ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ତା ୧୪.୦୬.୨୦୨୬ଖ୍ରିଷ୍ଟ ରବିବାର ଅପରାହ୍ନ ୨ ଘଟିକା ସମୟରେ ଦି ଓଡ଼ିଶା ସମବାୟ ସମିତି ଲିଃର ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ଓ ନିମ୍ନଲିଖିତ କାର୍ଯ୍ୟସୂଚୀ ସମୂହରେ ଆଲୋଚନା କରାଯିବ ।

ଏଣୁ ଆପଣମାନଙ୍କୁ ବିନମ୍ର ଅନୁରୋଧ ଆପଣମାନେ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ଉପସ୍ଥିତ ହୋଇ ସଭା କାର୍ଯ୍ୟରେ ଯୋଗଦାନ କରି କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରି ଆପଣମାନଙ୍କର ବହୁମୂଲ୍ୟ ମତାମତ ପ୍ରଦାନ କରିବେ ।

କାର୍ଯ୍ୟସୂଚୀ :

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ ।
୨. ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ ଓ ଅନୁମୋଦନ ।
୩. ୨୦୨୫-୨୬ ଆର୍ଥିକ ବର୍ଷର ଆୟ ବ୍ୟୟ ବିବରଣୀ ପଠନ ଓ ଅନୁମୋଦନ ।
୪. ୨୦୨୬-୨୭ ବର୍ଷର ତା ୦୧.୦୪.୨୦୨୬ ଖ୍ରିଷ୍ଟ ଠାରୁ ତା ୩୧.୦୫.୨୦୨୭ ଖ୍ରିଷ୍ଟ ପର୍ଯ୍ୟନ୍ତ ଆୟ ବ୍ୟୟ ପଠନ ଓ ଅନୁମୋଦନ ।
୫. ଋଣାଦି ବକେୟା ଋଣ ସମ୍ପର୍କରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ ।
୬. O.T.S (ଏକକାଳୀନ ଋଣ ପରିଶୋଧ) ସମ୍ପର୍କରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମୋଦନ କ୍ରମେ)

ସର୍ବେଶ୍ୱର ବାରିକ
ଲାଭପ୍ରାପ୍ତ ସମ୍ପାଦକ
ଦି ଓଡ଼ିଶା ସମବାୟ ସମିତି ଲିଃ

ଔଷଧ ଦୋକାନୀକୁ ଛୁରାମାଡ଼

ବରୀ, ୦୭/୦୬ (ଆ.ପ୍ର) : ଯାଜପୁରଜିଲ୍ଲା ବରୀ ଥାନା ଅଧିକ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ଜେନେରିକ ଔଷଧ ଦୋକାନୀ ସୁଧାଂଶୁ ଭୂଷଣ ନାୟକଙ୍କୁ ରବିବାର ଅପରାହ୍ନରେ ଛୁରାମାଡ଼ ହୋଇଛି । ଛୁରାମାଡ଼ ତାଙ୍କ ମୁଣ୍ଡରେ ହୋଇଥିବା ବେଳେ ରକ୍ତାକ୍ତ ଅବସ୍ଥାରେ ସେ ବରୀ ଥାନାରେ ପହଂଚି ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ ଶ୍ରୀ ନାୟ ଅପରାହ୍ନ ପାଖାପାଖି ୩ଟା ୪୫ରୁ ୪ଟା ମଧ୍ୟରେ ତାଙ୍କ ଘର ଲଦାକାଟପୁରରୁ ଦୋକାନକୁ ଆସୁଥିବା ବେଳେ ବାଟରେ ଥିବା ଏକ ମନ୍ଦିର ନିକଟରେ ସେହିଗ୍ରାମର ସୁଧାଂଶୁ ଶତପଥୀ (୪୨) ଦେଖାହୋଇଥିଲେ । କୁଆଡେ ଆସିଛି ବୋଲି ପଚାରିଦେବାରୁ ହଠାତ୍ ଶ୍ରୀ ଶତପଥୀ ଉତ୍ତେଜିତ ହୋଇ ଗାଳିଗୁଲଜ କରିଥିଲେ । ଛୁରୀରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲା ।

ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୪ ଅଧ୍ୟାପକ

ନୀଳଗିରି, ୦୭/୦୬ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୌରବମୟ ସଫଳତା ଭାବେ ବିଶ୍ୱବିଦ୍ୟାଳୟର ତାଲିକାରେ ବିଶିଷ୍ଟ ଅଧ୍ୟାପକ ବିଶ୍ୱସ୍ତରୀୟ ବୈଜ୍ଞାନିକ ମୂଲ୍ୟାଙ୍କନ ତାଲିକାରେ ସ୍ଥାନ ପାଇ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି । ଗବେଷଣା ପ୍ରକାଶନ, ଉଦ୍ଧୃତି ପ୍ରଭାବ ଏବଂ ବୈଜ୍ଞାନିକ ଅବଦାନ ଆଧାରରେ ପ୍ରସ୍ତୁତ ଏହି ମାନଦଣ୍ଡ ବିଶ୍ୱବିଦ୍ୟାଳୟର ବହୁଥିବା ଗବେଷଣା ସମ୍ପାର୍କୁ ପ୍ରତିଫଳିତ କରିଛି । ୨୦୨୫ ସାଇନ୍ସ-ୱାଇଜ୍ (୫ମସଂସ୍କରଣ) ଗ୍ଲୋବାଲ୍ ରେଙ୍କିଙ୍ଗ୍ ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ଅଧିକାର ଓ ଏହି ସମ୍ମାନ ଲାଭ କରିଥିବା ଅଧ୍ୟାପକମାନେ ହେଲେ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ କମ୍ପ୍ୟୁଟର ବିଜ୍ଞାନ ଓ ଯନ୍ତ୍ରାଧାନିତ ଶିକ୍ଷଣ, ପ୍ରଫେସର ପଙ୍କଜ କୁମାର ପାରହା ଧାତୁ ନିଷ୍କାଷଣ ବିଜ୍ଞାନ ଓ ସମ୍ପଦ ପୁନରୁଦ୍ଧାର, ପ୍ରଫେସର ମନୋରଞ୍ଜନ ମିଶ୍ର ଭୂଗୋଳ ଓ ଜଳବାୟୁ ବିଜ୍ଞାନ, ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ ଆଣବିକ ଜୀବବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ, ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଗତ ୨୫ ବର୍ଷ ଧରି ତଥା ବିଶ୍ଳେଷଣ, ଯନ୍ତ୍ରାଧାନିତ ଶିକ୍ଷଣ ଏବଂ ବହୁମାନଦଣ୍ଡୀୟ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କରିଆସୁଛନ୍ତି । ସେ ୨୫୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ୬ଟି ଉଦ୍ଭାବନ ଅଧିକାରର ଅଧିକାରୀ ଏବଂ କୁମାରଗଡ଼ ଛଅ ବର୍ଷ ଧରି ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଆସୁଛନ୍ତି । ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ଜନିତ ବିପଦ ହ୍ରାସ, ଭୌଗୋଳିକ ସୂଚନା ପ୍ରଣାଳୀ, ଦୂର-ସଂବେଦନ ତଥା ଅନୁଭବ ପ୍ରଯୁକ୍ତି ଏବଂ ପରିବେଶୀୟ ସ୍ଥାୟୀତ୍ୱ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷକ । ବହୁପାଠ ପୂର୍ବାନୁମାନ ଏବଂ ପୂର୍ବ ସତର୍କତା ବ୍ୟବସ୍ଥା ଉପରେ ତାଙ୍କର ଗବେଷଣା ବିପର୍ଯ୍ୟୟ ମୁକାବିଲା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଛି । ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ - ଟୀକାର ବିକାଶ, ଜୀବ ବଂଶଗତ ଅଧ୍ୟୟନ ଓ ସଂକ୍ରାମକ ରୋଗ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱସ୍ତରରେ ପରିଚିତ ଓ ସୁନାମଧନ୍ୟ । ତାଙ୍କ ଗବେଷଣା କାର୍ଯ୍ୟକୁ ୯ ହଜାରରୁ ଅଧିକ ଥର ଉଦ୍ଧୃତ କରାଯାଇଥିବା ବେଳେ ତାଙ୍କର ଗବେଷଣା ପ୍ରଭାବ ସୂଚକାଙ୍କ ୫୦ରୁ ଅଧିକ ରହିଛି । ସେ ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତିକ ବୈଜ୍ଞାନିକ ପତ୍ରିକାର ସମ୍ପାଦକୀୟ ମଣ୍ଡଳୀରେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ସଫଳତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବା ସହ ବିଜ୍ଞାନ, ନବସୃଜନ ଓ ସମାଜ ଉନ୍ନୟନ ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିଶ୍ରୁତିକୁ ପ୍ରତିଫଳିତ କରିପାରିଛି । ଏହି ଦାବିଜଣ ବିଦ୍ୟାନ ଅଧ୍ୟାପକଙ୍କୁ କୁଳପତି ସନ୍ତୋଷ କୁମାର ଚ୍ରିପାଠୀଙ୍କ ସହ ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଥିବା ବେଳେ ସେମାନଙ୍କର ଏହି କୃତିତ୍ୱ ଓଡ଼ିଶା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି ।

ଲକ୍ଷାଧିକ ଟଙ୍କାର କାଗଜ ପତ୍ର ଓ କମ୍ପ୍ୟୁଟର ପୋଡ଼ି ନଷ୍ଟ

ଅସିକା, ୦୭/୦୬ (ଆ.ପ୍ର) : ଗଂଜାମ ଜିଲ୍ଲା ଅସିକାସ୍ଥିତ ମୁଖ୍ୟ ବାଣିଜ୍ୟର ଉପରେ ଥିବା ତାଙ୍କ ଅଧୀନସ୍ଥ କାର୍ଯ୍ୟାଳୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କାଗଜ ପତ୍ର ଓ କମ୍ପ୍ୟୁଟର ପୋଡ଼ି ନଷ୍ଟ ହୋଇଛି । ଅଗ୍ନିକାଣ୍ଡର ସଠିକ କାରଣ ଜଣା ନଥିଲେ ମଧ୍ୟ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ଆଜି ରବିବାର ଥିବାରୁ କାର୍ଯ୍ୟାଳୟ ଏପ୍ରକାର ଭାବେ ବନ୍ଦ ଥିଲା । ହଠାତ ଅପରାହ୍ନ ପ୍ରାୟ ୪ ବେଳେ ଧୂଆଁ ଉଠିବା ସଠିକ ବୁଝିବୁଝି ହେଲେ ଜଣିବା ଆରମ୍ଭ ହୋଇଥିଲା । ଅଗ୍ନିଶମ ଅଧିକାରୀ ଜୈନାଶ କୁମାର ସାହୁଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ଏକାଧିକ ଅଗ୍ନିଶମ ଗାଡ଼ି ନିଆଁକୁ ଅୟତ କରିଛନ୍ତି ।

ବାଘ ଛାଲ ଜବତ, ଦୁଇ ଶିକାରୀ ଗିରଫ

ବ୍ରହ୍ମପୁର/ପାଟ୍ରପୁର, ୦୭/୦୬ (ଆ.ପ୍ର) : ଗତ ତିନି ସପ୍ତାହ ତଳେ ଗଂଜାମ ଜିଲ୍ଲା ଜରଡ଼ା ଥାନା ଅଂଚଳରୁ ତ୍ରିମୁହାନ ପୁଲିସ ଏକ ଚିତାବାଘ ଚମଡ଼ା ଜବତ କରିବା ସହ ତିନି ଶିକାରୀଙ୍କୁ ଗିରଫ କରିଥିବା ବେଳେ ଆଜି ପୁଣି ଦୁଇ ଶିକାରୀଙ୍କୁ କାବୁ କରିଛି । ଅଭିଯୁକ୍ତ ଶିକାରୀ ଦ୍ୱୟ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ବଡ଼ଗର୍ଦ୍ଦା ଜେଞ୍ଜରା ଜମାବାଡ଼ (୩୪ ବର୍ଷ) ଓ ଗଂଜାମ ଜିଲ୍ଲା ଜରଡ଼ା ଥାନା ବୁଗାଡାଳ ଗ୍ରାମର ବୀରା ଜମାବାଡ଼ (୪୫ ବର୍ଷ) । ସେମାନଙ୍କ ଠାରୁ ପୁଲିସ ଦୁଇଟି ଚିତାବାଘ ଚମଡ଼ା ଜବତ କରିଛି । ସୂଚନା ପ୍ରକାରେ ପୁଲିସ କୋଣସି ସୁତ୍ରରୁ ସୂଚନା ପାଇ ଉପରେ ବୁଗାଡାଳ ଅଂଚଳକୁ ଯାଇଥିଲା । ପାଙ୍କାର ଉପରେ ଜଙ୍ଗଲ ଆଡକୁ ଦୌଡ଼ୁଥିବା ଦୁଇଜଣଙ୍କୁ ଦେଖି ପୁଲିସ ସେମାନଙ୍କ ପିଛା କରିଥିଲା । ଅଭିଯୁକ୍ତମାନେ ଖଣ୍ଡା ଦେଖାଇବା ସହ ଧମକ ଦେବାଥିବା ବେଳେ ପୁଲିସ କୌଶଳରେ ଉଭୟଙ୍କୁ କାବୁ କରିଥିଲା । ଖୋଜାଖୋଜି କରିବା ପରେ ସେମାନଙ୍କ ଠାରୁ ଦୁଇଟି ଅଖାରୁ ଦୁଇଟି ଚିତାବାଘର ସଂପୂର୍ଣ୍ଣ ଆକାରର ଚମଡ଼ା ଉଦ୍ଧାର କରାଯାଇଥିଲା । ଅଭିଯୁକ୍ତ କେଶବା ଠାରୁ ଦୁଇଟି ଜୀବନ୍ତ ଛାତବୋମା ଏବଂ ଅଭିଯୁକ୍ତ ବିରା ଠାରୁ ଗୋଟିଏ ଖଣ୍ଡାକାଟି ମଧ୍ୟ ଉଦ୍ଧାର କରାଯାଇଥିବା ପୁଲିସ ସୂଚନା ଦେଇଛି ।

ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ବାଲେଶ୍ୱର, ୦୭/୦୬ (ଆ.ପ୍ର) : ଆର୍‌କେ ଜେମ୍ସ ଫାଉଣ୍ଡେସନ ଏବଂ ହାଲଲାଣ୍ଡ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡର ମିଳିତ ସହଯୋଗରେ ଖଣ୍ଡପଡ଼ାସ୍ଥିତ ଗଡ଼ଭଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଗଡ଼ଭଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ଫିତା କାଟି ଶିବିରକୁ ଉଦ୍‌ଘାଟନ କରିଥିଲେ । ସଭାପତି ଅତିଥି ଭାବେ କଳ୍ୟାଣପୁର ବରିଷ୍ଠ ଉପସରାପତି ଗୁଣୀନ୍ତ କୁମାର ରାଉତ, ସ୍ଥାନୀୟ ସରପଂଚ ଯଶୋମତୀ ମାହାଳିକ ଏବଂ ଜୟନ୍ତ କୁମାର ପାତ୍ର ଉପସ୍ଥିତ ରହି ଶିବିରର ସଫଳତା କାମନା କରିଥିଲେ । ବରିଷ୍ଠ ଚିକିତ୍ସକ ଡାକ୍ତର ଡାଗାକାନ୍ତ ନନ୍ଦ ଶିବିରରେ ଆସିଥିବା ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ପ୍ରଦାନ କରିଥିଲେ । ଫାର୍ମାସିଷ୍ଟ ରଞ୍ଜିତରଞ୍ଜନ ମହାନ୍ତି ଓ ବିଶ୍ୱରଞ୍ଜନ ପଣ୍ଡା ରୋଗୀମାନଙ୍କୁ ଔଷଧ ବଂଟନ କରିଥିଲେ । ଏହି ଶିବିରର ପରିଚାଳନାରେ କଳ୍ୟାଣପୁର ମାନବ ସମ୍ବଳ ମୁଖ୍ୟ ସାଷ୍ଟବତ ତ୍ରିପାଠୀ, ପ୍ରଶାସନିକ ମୁଖ୍ୟ ସୁଦର୍ଶନ ଚନ୍ଦ୍ର ଗିରି, ମୁଖ୍ୟ ସୁରକ୍ଷା ଅଧିକାରୀ ବିଜୟ କୁମାର ବେହେରା, ସୃତିରେଖା ନାୟକ, ସୁଭ୍ରତ କୁମାର ବଳ ଓ ପ୍ରଭାକର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶିବିରରେ ପ୍ରାୟ ୧୧୦ ଜଣ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କୁ ଆବଶ୍ୟକୀୟ ଔଷଧ ବଂଟନ କରାଯାଇଥିଲା । ସ୍ଥାନୀୟ ଅଂଚଳବାସୀ କଳ୍ୟାଣପୁର ଏଲାକି ଜନହିତକର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

ରଥଯାତ୍ରା ଅବସରରେ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ, ୦୭/୦୬ (ଆ.ପ୍ର) : ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ । ଏହାକୁ ଗଣିନିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସମ୍ପନ୍ନ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରଣା ପାଢ଼ୀ । ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡଦାଣ୍ଡ ଓ ପୁରୀ ସହରରେ ଗ୍ରୁଭର୍ ଲଗାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋଚପାତ କରିଥିଲେ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ ।ସହରରୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ । କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କ ରା ଯି ବ । ଲ ଷ୍ଟ । ର ଏନଫୋର୍ସମେଂଟ କରାଯିବ,୩୦ ଜୁନ ସୁଦ୍ଧା ସମସ୍ତ ଜୋନ ରେ ସ୍ଥାପ ପତିବ, ଜରୁରବଧ୍ୟଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଂଟ ଟିମ ଦୃଷ୍ଟି ଦିଆଯିବ ।ଆଧିକ ଲୋକ ଲଗାଯାଇ ପୁରା ସହରକୁ ନିଜଦ୍ଧିନ୍ଦୁ ପରିଷ୍କାର ପରିଛନ୍ନତା ରଖାଯିବ । ପାର୍କିଂ ସ୍ଥାନ ଜନୁତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରା ରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ । ଟ୍ରେନ ସଫା ଦ୍ୱାରାନ୍ତିତ କରାଯାଇଛି, ରାସ୍ତା ରେ ବୁଲୁଥିବା ଗୋରୁ ଗାଈ ମାନଙ୍କୁ ଗୋଶାଳା ଅବା ଜାଲିଆଦୁଦା ରେ ରଖାଯିବ, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ଉଠୁଛି ତାହାକୁ ଚିହ୍ନଟ ସହ ବ୍ୟତିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଉଚ୍ଚ ଶବ୍ଦି ସମ୍ପର୍କ ପ୍ରମ ରାଖାଯିବ, ହୋଟେଲ ମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି । ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଗୋ ରଖା ଖାଦ୍ୟ ବିକାଯିବ ନାହିଁ । ଗଜି ମାନଙ୍କରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନୁଦାନ ବ୍ୟବସ୍ଥା କରାଯିବ ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ, ବିଭିନ୍ନ ସାଇନବୋଡ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ, ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଜ୍ଞି କୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ କୁମାର ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଏନକା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଲୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଲପ ଜିଲ୍ଲାପାଳ ଲାଜ ଜିଶୋଷ ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ବ୍ଲକ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗ ଦେଇଥିଲେ । ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ, ମହାନଗର ନିଗମ କମିଶନର, ଯୁଗ୍ମ କମିଶନର ଓ ଅନ୍ୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ

ନୀଳଗିରି, ୦୭/୦୬ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଶିକ୍ଷା ବିକାଶ କାର୍ଯ୍ୟକ୍ରମ ଅଧୀନରେ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ନୀଳଗିରି ବ୍ଲକରେ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଦେଗୁଳିଆ ଉଚ୍ଚ ବିଦ୍ୟାଳୟ ଏବଂ ମିଡ଼ପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଗିରିଭୂମି ନିର୍ମାଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଶୁଭ କାର୍ଯ୍ୟକ୍ରମରେ ନୀଳଗିରିର ମାନ୍ୟବର ବିଧାୟକ ସନ୍ତୋଷ କୁମାର ଶତ୍ରୁଆଙ୍କ ସମେତ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ସଂଚାୟତ ପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ସମ୍ପର୍କରେ ମତ

ସମ୍ବାଦକ
ଆରମ୍ଭ
SEITHO ARAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭାବପ୍ରବଣତା

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟାଙ୍କୁଡି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନବିକ ଅଶାନ୍ତିରେ ମନ ଲାଫିପଡ଼େ । କାମ କରିବାକୁ ଲଜ୍ଜା ହୁଏନି । ମନରେ ସମସ୍ତ ପ୍ରକାରର ନକରାତ୍ମକ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଗଲେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟରେଇ ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଳାଯାରି ମନ୍ଦ ଉଦ୍ଦେଶ୍ୟର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁଖଲାଇ ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ହସଟିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଉଦ୍‌ବେଗ ସମୟରେ ଆମେ ସାଥିଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଖାନ ସେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ଗେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ ସେହି ବ୍ୟବହାର ବାଞ୍ଛିଥା'ନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର କଥା କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ । ସମବେଦନା ଜଣାଇବା ପାଇଁ କିନ୍ତୁ ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କଠାରୁ ସମବେଦନା ହିଁ ଆଶା କରିଥାଏ । ସମବେଦନଶୀଳ ମନୋଭାବ ଏକ ଉଚ୍ଚଲୋଚ୍ଚୀତ ମାନବୀୟ ଗୁଣ । ଏହା ଆମ ଜୀବନର ଏକ ବିଶେଷ ବସ୍ତୁତା । ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଉ । ପରସ୍ପରର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ମମିଳିରେ ଆମେ ସୁଖ, ଶାନ୍ତିରେ ରହିପାରିବା ନାହିଁ । ଜୀବନରେ ଯେତେ ଯାହା ସଫଳତା ମିଳୁ ପଛରେ ଶାନ୍ତି ଓ ଆନନ୍ଦରେ ରହିବା ପାଇଁ ହେଲେ ସମସ୍ତଙ୍କ ସହିତ ସହଭାଗୀ ରୂପେ ସମବେଦନଶୀଳ ହୋଇ ରହିବା ଜରୁରୀ । ପରସ୍ପର ପ୍ରତି ସମବେଦନଶୀଳତା ହିଁ ଏକ ସଫଳ ଜୀବନର ମାପକାଠି । ସବୁଆବଦା, ସବୁମିଳି ହିଁ ସମ୍ଭବ ହୁଏ ସବସଙ୍ଗ ମିଳିଲେ । ସମବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏହି ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବିଘ୍ନ ତଥା ଅସମାନତ୍ୱ ଦୂର କରିପାରିବ । ଏକ ସୁଖମୟ, ଶାନ୍ତିମୟ ଓ ସଫଳ ଜୀବନ ପାଇଁ ସମବେଦନଶୀଳ ମନୋଭାବକୁ ସମୃଦ୍ଧ କରିବା ନିହାତି ଜରୁରୀ । ଏହା ଏକ ସାଧନା ସାଧନା କରେ ହିଁ ସିଦ୍ଧି ସମ୍ଭବ ହେବ । ଆମ ଜୀବନରେ ଅନ୍ୟମାନଙ୍କ ସହିତ ସୁଖ, ଶାନ୍ତି ଓ ସଫଳ ଭାବେ ରହିବାକୁ ହେଲେ ସମବେଦନଶୀଳ ମନୋଭାବ ହିଁ ଏକ ଶକ୍ତିଶାଳୀ ଦକ୍ଷତା । ତେଣୁ ସମବେଦନଶୀଳ ମନୋଭାବକୁ ସଜାଗ ରଖିବାକୁ ହେଲେ ଯେଉଁ କାର୍ଯ୍ୟଗୁଡ଼ିକୁ ରହିବାକୁ ହେବ ତାହା ହେଉଛି । ଅନ୍ୟମାନଙ୍କ ପ୍ରତି ସମବେଦନଶୀଳ ମନୋଭାବରେ ସହୃଦୟତା ଆବଶ୍ୟକ । ଅନ୍ୟର କଥା ଶୁଣିବାକୁ, ମନର ଆବେଗକୁ ବୁଝିବାକୁ ମନରେ ପ୍ରକୃତ ଆଗ୍ରହ ଥିବା ଦରକାର । କିନ୍ତୁ ଅଧିକାଂଶ ଲୋକଙ୍କର ଏଥିପ୍ରତି ପ୍ରକୃତ ଆଗ୍ରହ ନଥାଏ । ଗୋଷ୍ଠୀରେ ରହିଥିବାରୁ ଅନ୍ୟର କଥା ଅବା ଦୁଃଖ ବିଷୟ ଶୁଣି ସମବେଦନା ଜଣାଇବାଟା ଦରକାର ବୋଲି ଭାବିକରି କରିଥାନ୍ତି । ଏଥିରେ ସେମାନଙ୍କର ଆନ୍ତରିକତା ନଥାଏ ଅବା ଆଗ୍ରହ ନଥାଏ । ମୁହଁରେ ହସଟି ବି ପ୍ରକୃତ ହସ ନଥାଏ । ଏହାକୁ କୁହାଯାଏ ଛଳନା ଅବା ଅଭିନୟ । ଲୋକ ଦେଖାଣିଆ ଭାବରେ ଆହା କହିଦେଲେ ସମବେଦନଶୀଳତା ହୋଇଯାଏନାହିଁ । ଏବେକାଲ ସମାଜରେ ଆମେ ସବୁ ଏକ ଯାନ୍ତ୍ରିକ ଜୀବନଯାପନ କରୁଛେ । ଧରାବନ୍ଧା ନିୟମ ପରି ସ୍ନେହ, ଶ୍ରଦ୍ଧା ସମ୍ପର୍କ ବି ଛଳନାପୂର୍ଣ୍ଣ ହେଇଗଲାଣି । ଆମେ ଅଭିନୟ କରି କଥା କହିଲେ ଆମକୁ କେହି ବି ବିଶ୍ୱାସ କରିବ ନାହିଁ ।

ଆସ ଶୋଭନୀୟ ପୁଣ୍ୟ ଶକତି

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

'ଆଉ କେହିଭଲ ହେବ ବା ନହେଉ / ଭଲ ମୁଁ ନିଜକୁ କରିବି / ଏଇ ହେଉ ପ୍ରତି ମନର ଶପଥ / ଜୀବନେ ସିଦ୍ଧି ଲାଗ ପାଇଁ' Let no one be good or just / but I shall be / Let it be everyone's motto to achieve success in Life. ଏହାଥିଲା ପୂଜ୍ୟ ଶ୍ରୀ କୁମାର ଭାଇଙ୍କ କବିସୁଗର ମହାମନ୍ତ୍ର । ମାତ୍ର ୧୬ ବର୍ଷ ବୟସରେ ପୂଜ୍ୟଶ୍ରୀ କୁମାର ଭାଇ ଏହି ଆନ୍ଦୋଳନ ପ୍ରବର୍ତ୍ତନ କରିଥିଲେ । ସମଗ୍ର ବିଶ୍ୱପାଇଁ ସେ ଆହ୍ୱାନ ଦେଲେ "Bring a blissful change in the field of education literature, Art, Drama, Radio, Video, TV and all publicity media, OUr taste will be changed, our mind will be changed and there will be a blissful change in the society.' ସାହିତ୍ୟ, କଳା, ସମ୍ବାଦ ପତ୍ର, ନାଟକ, ଚଳଚ୍ଚିତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମରେ ଅଶୋଭନୀୟତାର ନିରୋଧ ଏବଂ ଶୋଭନୀୟତାର ବିକାଶ ହେଲେ ମାନବର ମନଗୁଡ଼ି ତଥା ଜୀବନ ନିଶ୍ଚିତ ଶୋଭନୀୟ ଶୃଙ୍ଖଳିତ ଏବଂ ଉନ୍ନତ ହେବ ବୋଲି ଶ୍ରୀ କୁମାର ଭାଇଙ୍କ ବାର୍ତ୍ତାକୁ ଦୃଢ଼ ସମର୍ଥନ ଜଣାଇ ୧୯୬୨ ମସିହା ଅପ୍ରେଲ ଆଠ ତାରିଖରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଇଥିଲେ, ଆହାବନ ଦେଶସେବୀ ହିନ୍ଦ ସେବକ ସମିତିର ସଭାପତି ପଦୁଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ସେହି ଦିନଠି ଥିଲା ପ୍ରବର୍ତକ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଷୋଡ଼ଶ ଜନ୍ମଦିନ । ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଡଃ ପ୍ରଣକୃଷ୍ଣ ପରିଡ଼ାଙ୍କ ପୌରୋହିତ୍ୟରେ ପ୍ରଥମ ଅଶୋଭନୀୟ ସାହିତ୍ୟ, କଳା, ଓ ଚଳଚ୍ଚିତ୍ର ନିରୋଧ ଦିବସ ଜଟକ ଶ୍ରୀରାମମନ୍ଦିର ଭବନରେ ପାଳିତ ହୋଇଥିଲା । ସେହି ଦିନଠାରୁ ଏହି ଦିବସଟି ପ୍ରତିବର୍ଷ ପାଳିତ ହୋଇଆସୁଛି । ବିଶେଷରେ ମଧ୍ୟ ଏହି ଆନ୍ଦୋଳନ ପାଇଁ ଆଗ୍ରହ ସୃଷ୍ଟି ହେବାପରେ ୧୯୬୬ ମସିହାରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ନାମରେ ରେଜେଷ୍ଟ୍ରି କରାଯାଇଛି । ଗଣମାଧ୍ୟମରେ ଟେଲିଭିଜନ, ଆନ୍ଦୁସମ୍ପାଦ୍ୟ, ଆନ୍ଦୁଶ୍ରୁତି, ବିଶ୍ୱଶ୍ରୁତ୍ୱ ଏବଂ ବିଶ୍ୱଶାନ୍ତି ପାଇଁ ସୁଚେତନା ଓ ଆନ୍ତରିକତା ସୃଷ୍ଟି କରିବାକୁ ଉଦ୍ୟମ ନହେଲେ ମାନବ ସମାଜ ଚିନ୍ତାଧାରା, ରୁଚି, ବିଶ୍ୱାସ, କର୍ମ ଓ ଜୀବନ ଧାରା ସୁପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ମତ । ସମାଜରେ ବଢ଼ି ଚାଲିଥିବା ଗେଡ଼ି, ଦୁର୍ନୀତି, କ୍ଷୁବ୍ଧଶାନତା, ମଦ୍ୟପାନ, ହିଂସା, ପ୍ରତିହିଂସା, ହତ୍ୟା ପାଇଁ ପ୍ରଭାବଶାଳୀ ଗଣମାଧ୍ୟମ ଅନେକାଂଶରେ ଦାୟୀ ।

ଗୋଟିଏ ଦିଗରେ ଦୃଢ଼ ପ୍ରଶାସନିକ ଓ ସାଂଚ ବ୍ୟବସ୍ଥା ଏବଂ ଅନ୍ୟ ଦିଗରେ ଏଥିପାଇଁ ଲୋକଚେତନାର ଜାଗରଣ ହେଲେ ଏହି ଆନ୍ଦୋଳନ ମହତ ଲକ୍ଷ୍ୟ ସାଧିତ ହେବ । ବହୁ ବର୍ଗର ଦିବାର ଶୂନ୍ୟ ଉତ୍ସୃଙ୍ଗଳ ଉଚିରେ ମାନବ ସମାଜ ବର୍ତମାନ ଅଶୋଭନୀୟତା ଓ ହିଂସା ରାକ୍ଷସ କବଳରେ ପଡ଼ି ଧ୍ୱଂସାଭିମୁଖୀ । ସବୁଠି ଶାନ୍ତି କାହିଁ ଓ ମାନବିକତା ଲାହିର ଚିହ୍ନାର । ଅବୃଷ୍ଟି, ଅଶାନ୍ତି, କୁଳାଳସା, ଦୁର୍ନୀତି, ଲାଞ୍ଚି, ହିଂସା, ପ୍ରତିହିଂସା, ଯୁଦ୍ଧ ନିଆଁରେ ସମାଜ ଜଳୁଛି । ଏହି ସମୟରେ ବାରମ୍ବାର ଚେତନାର ଶଙ୍ଖନାଦ କରି ହିଂସା ପ୍ରତିହିଂସା ବିରୁଦ୍ଧରେ ଅବିଶ୍ରାନ୍ତ ସଂଗ୍ରାମ କରିବା ପାଇଁ ମାନବକୁ ଜାଗ୍ରତ ଓ ଶକ୍ତିମନ୍ତ କରିବାକୁ ହେବ । ବରାଶାର ପ୍ରଶ୍ନ ନାହିଁ । ଅଧର୍ମର ବଳ ଯେତେ ବଢ଼ୁଛି ବୋଲି ଜଣା ପଡୁଥିଲେ ବୋଲି ଶେଷରେ ତାହାର ପରାଜୟ ଏବଂ ଧର୍ମର ତଥା ଶୋଭନୀୟତାର ବିଜୟ ସୁନିଶ୍ଚିତ । ମାନବ ସମାଜର ସୁରକ୍ଷା, ଶାନ୍ତି ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏହି ମହାନ୍ ଆନ୍ଦୋଳନର ସୃଷ୍ଟାଙ୍କର ଲେଖନୀ ନିଃସୃତ ସେହି ମହାଭାବ ପ୍ରତିଟି ଅନ୍ତରକୁ ଜାଗ୍ରତ କରି ଶୋଭନୀୟତାର ମହତରେ କରିଦେଉ ଚେତନା ଶଙ୍ଖ ବାଜେ ଉଠରେ ଉଠ । ଏ ଧରା ହେଉ ଯୁଦ୍ଧ ବିହୀନ ଶାନ୍ତିର ପୀଠ ।

ଆନ୍ଦୁ ସମ୍ପତ୍ତି, ଆନ୍ଦୁଶ୍ରୁତି ଓ କର୍ମ ସଂଷ୍କାର ସାଧନା ଏବଂ ଶିକ୍ଷା, ସାହିତ୍ୟ, କଳା, ନାଟକ ସବୁ ପ୍ରଚାର ମାଧ୍ୟମ ରେଡ଼ିଓ, ଭିଡ଼ିଓ, ଟିଭି, ଚଳଚ୍ଚିତ୍ରର ସୁପରିବର୍ତ୍ତନ ଦ୍ୱାରା ହିଁ ସମାଜ ସୁସଂସ୍କୃତ, ସତ୍ ସ୍ନେହମୟ ଓ ଶାନ୍ତିମୟ ହେବ । ଏହି ରାର୍ଗା ଦେଇଥିବା ସେହି ମହାନ୍ ଆହ୍ୱାନ ୧୯୯୩ ମସିହା ଜୁନ୍ ମାସ 'ନଅ' ତାରିଖରେ ଝୁଲିଭାବେ ଆମଠାରୁ ଅନ୍ତର୍ହିତ ହୋଇସାରିଥିଲେ । ତେବେ ତାଙ୍କର ନିର୍ଦ୍ଦେଶିତ ମାର୍ଗ, ବାଣୀ, ଆମ ହାତରେ ଅଛି ଏକ ସୁରକ୍ଷିତ, ସୁସ୍ଥ ସମାଜ ପାଇଁ । ଆଉ କେହି ଭାଗ କର୍ତବ୍ୟ କରୁ ନକରୁ, ଭଲ ହେଉ ନହେଉ, ମୁଁ ମୋର କର୍ତବ୍ୟ କରିବି ଏବଂ ଭଲ ହେବି ଓ ମୋର ଶରୀର ତଥ ବୁଦ୍ଧି, ବିଦ୍ୟା, ଧନ, ପ୍ରତିଭା, ଶକ୍ତି ଓ କ୍ଷମତାକୁ ସମାଜର ମଙ୍ଗଳ ପାଇଁ ନିୟୋଗ କରିବି । ବିଶ୍ୱର ସମସ୍ତ ଲେଖକ, ସାମ୍ବାଦିକ, କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ, ଶିକ୍ଷାବିତ୍, ବୈଜ୍ଞାନିକ ତଥା ସମସ୍ତ ଭାଇଭଉଣୀ ଏହି ଭାବକୁ ତାଙ୍କର କାର୍ଯ୍ୟଧାରା ମାଧ୍ୟମରେ ପରିପ୍ରକାଶ କରେ, ବରଣ କରେ ଆମ ସମାଜ ନିଶ୍ଚୟ ଏକ ଶାନ୍ତିପଥ ସୁରକ୍ଷାସ୍ଥାନୀ ହୋଇପାରିବ । ପରିଶେଷରେ - 'ଆସ ଶୋଭନୀୟ ପୁଣ୍ୟଶକତି ରକ୍ଷା କର ଏ ଭବେ, ମାନବ ସମାଜ ଧ୍ୱଂସ ନରିବ ହେରି କରିଦେବ ଯେବେ ।'

ନିର୍ଦ୍ଦେଶିକା ଓ ଶାନ୍ତିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଜଟକ, ମୋ : ୯୯୩୭୧୭୨୮୧୦

'ଉତ୍କଳର ନେତା ନିଜେ ନାରାୟଣ'

॥ ସୁକାନ୍ତ ଛାଟୋଇ ॥

'ଉତ୍କଳର ନେତା ନିଜେ ନାରାୟଣ ।' ତେଣୁ କଳନୁଅଙ୍କୁ ମୁରବୀ ମନେ କରିଥାନ୍ତି ଗଜପତି ଏବଂ ସେବକଗଣରେ କରନ୍ତି ରାଜ୍ୟ ଶାସନ । ପରିସ୍ଥିତି ଦୃଷ୍ଟାପରେ ପରିବର୍ତ୍ତନ ହେଲେ ସେଁ ଗଜପତିଙ୍କର ସେଇ ଭାବନା ଆଜି ବି ରହିଛି । ମହାପ୍ରଭୁଙ୍କର ସେ ପ୍ରଥମ ସେବକ । ଆଉ ଖାସ୍ ଠାକୁରଙ୍କ ପାଇଁ ସେ ସବୁଦି ହୃଦୟରେ ରାଜା, ଠାକୁର ରାଜା ।

ତଜ୍ଜାନୀନ ରାଜା ଅନଙ୍ଗଭୀମ ଦେବଙ୍କ ଦ୍ୱାରା ଛତିଆ ନିଯୋଗ ପ୍ରାପ୍ତନ ହେବା ପରେ ଗଜପତିଙ୍କ ପାଇଁ ଜେଠୋଟି ସେବା ନିର୍ଦ୍ଧିଷ୍ଟ ହୋଇଛି । ତନୁଧ୍ୟାନ୍ତ ସ୍ଥାନ, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଛେରାପହଁରା ସେବା ଜରିବା ଏକ ପରମ୍ପରା । ଏହା ବ୍ୟତୀତ ଗଜପତିଙ୍କ ଅନୁପସ୍ଥିତିରେ ଜେଠେକ ଯାତ୍ରାଯାତ୍ରାରେ ସେବା କରନ୍ତି ତାଙ୍କ ପ୍ରତିନିଧି ମୁଦିବେଣ୍ଡ । ପୁରୀ ଗଜପତି ମହାରାଜ ମହାପ୍ରଭୁଙ୍କ ଶ୍ରୀମନ୍ଦିରର, ଆମ ଓଡ଼ିଶାର ଜନଜୀବନ ସହିତ ଗୌରବାମ୍ବିତ ଅନେକ ପରମ୍ପରା ରହିଛି ।

ପୁରାଣ ଓ ମାଦଳା ପାଞ୍ଜିର ବର୍ତ୍ତମାନ ଅନୁଯାୟୀ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ 'ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟେଶ୍ୱର କଳବର୍ଗେଶ୍ୱର' ଉପାଧି ଧାରଣ କରି ତାଙ୍କର ସାମ୍ରାଜ୍ୟକୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଅର୍ପଣ କରିଥିଲେ । ଆଜି ଓଡ଼ିଶା ଆଧ୍ୟାତ୍ମିକ ଆଦର୍ଶମାନ ବିଶ୍ୱାସ ଓ ପରମ୍ପରାରେ ସେ ପୂଜିତ, ସମ୍ମାନିତ ତାଙ୍କୁ ସେ ଜାହାଙ୍କ ଭାବନାରେ 'ଠାକୁର ରାଜା', 'ଚକ୍ରବର୍ତ୍ତି ବିଷ୍ଣୁ', 'ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ' ଆଦି କୋଟି ଓଡ଼ିଆଙ୍କ ମଉଦମଣି । କୋଟି କୋଟି ଓଡ଼ିଆଙ୍କ ଘରେ ଲକ୍ଷ ଭାବନାରେ ପୂଜିତ । ଶ୍ରୀମନ୍ଦିରର ପ୍ରଶାସନିକ କାର୍ଯ୍ୟର ସେ ନୀତିକାନ୍ତି ପୂରୋଧା କହିଲେ ଅତ୍ୟୁକ୍ତି ହେବନାହିଁ । ବନ୍ଦିପିତ ତଥ୍ୟ ଅନୁଯାୟୀ ସ୍ୱାଧୀନତା ପରେ ୧୯୫୨ ମସିହାରେ ନିୟମାନୁଯାୟୀ ଶ୍ରୀମନ୍ଦିର ଜଣେ ପ୍ରଶାସକଙ୍କ ଦ୍ୱାରା ପରିଚାଳିତ ହୁଏ, ଏହି ପରିଚାଳନା କମିଟିର ସଭାପତି ହେଉଛନ୍ତି ଗଜପତି ମହାରାଜ । ଗବେଷକ ବିଦ୍ୟାବ୍ଦୋଧି ପାଣିଙ୍କ ତଥ୍ୟାନୁଯାୟୀ ଶ୍ରୀମନ୍ଦିର ସହ ଗଜପତିଙ୍କ ସମ୍ପର୍କ ଆଧ୍ୟାତ୍ମିକତା ଓ ପାରମାର୍ଥିକ ଜିନିଷରେ ପ୍ରତିଷ୍ଠିତ । ମନ୍ଦିରର ବିଭିନ୍ନ ରୀତିନୀତି, ଯାତ୍ରାଯାତ୍ରା ଓ ପର୍ବପର୍ବାଣୀରେ ଗଜପତିଙ୍କ ଉପସ୍ଥିତି ଏକାନ୍ତ କାମ୍ୟ । ସ୍ୱାଧୀନୋତ୍ତର ଭାରତରେ ଗଜପତିଙ୍କ ଠାରୁ ସମସ୍ତ କ୍ଷମତା କାଢ଼ି ନିଆଯାଇଥିଲେ ମଧ୍ୟ ସେ ମହାପ୍ରଭୁଙ୍କ ଆଦ୍ୟ ସେବକ ରୂପେ ସୌକୀୟ କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିଆସିଛନ୍ତି । ସେଇଥି ପାଇଁ କି ଓଡ଼ିଶାର କୋଟି କୋଟି ହିନ୍ଦୁଙ୍କ ହୃଦୟରେ ସବୁଠୁ ସମ୍ମାନଶବ୍ଦ ଓ ଶ୍ରେଷ୍ଠ ଆସନ ଲାଭ କରିଛନ୍ତି ।

ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ଗଜପତି ଉପାଧିରେ ସର୍ବମୋଟ ଚାରିଜଣ ନାମଧାରଣ କରିଛନ୍ତି । ଶ୍ରୀ ଶ୍ରୀରାମ ଚନ୍ଦ୍ରଦେବ, ଶ୍ରୀ ଶ୍ରୀ ମୁକୁନ୍ଦ ଦେବ, ଶ୍ରୀ ଶ୍ରୀ ବୀରକେଶରୀ ଦେବ, ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ । ଆମ ଓଡ଼ିଶା ଆଧ୍ୟାତ୍ମିକ ସଂସ୍କୃତି ସହ ଶ୍ରୀମନ୍ଦିର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ପରେ ଯଦି କିଏ ଆମ ସହିତ ଜଣେ ଅନ୍ତରଙ୍ଗ ଲଷ୍ଟଚେତନା ଭାବେ ଗ୍ରହଣ କରିଥାଏ ତେ ସେହେନ୍ତି ଆମ ଗଜପତି ମହାରାଜ । ପ୍ରାଚୀନ କାଳରୁ ଗଜପତି ମହାରାଜମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ରାଜା ତଥା ଆରାଧ୍ୟ ଦେବତା ଭାବେ ସ୍ୱୀକାର କରିବା ସହ ତାଙ୍କରି ଅଧୀନରେ କୃପାପ୍ରାପ୍ତ ହୋଇ ଶାସନ ଭାର ଗ୍ରହଣ କରୁଥିଲେ । ସେମାନେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମଭକ୍ତ ଓ ଅନନ୍ୟ ପରାକ୍ରମୀ ଦାଉ ।

ମହାପ୍ରଭୁଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରହିବା ସହିତ ସଦାସର୍ବଦା ନିଜର ଇଷ୍ଟଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାନ୍ତିରରେ ଆଶ୍ରୟ ନେଉଥିଲେ । ଗବେଷକଙ୍କ ତଥ୍ୟ ଅନୁଯାୟୀ ଗଜପତିଙ୍କ ଭାଇ ଗୋଡ଼ଗଙ୍ଗ ଦେବଙ୍କ ପୁତ୍ର ବୃତୀୟ ଅନଙ୍ଗଭୀମ ଦେବ ୧୨୩୬ଖ୍ରୀ.ଅ.ରେ ଏକ ଶିଳାଲେଖରେ ନିଜକୁ ପୁରୁଷୋତମ ଶ୍ରୀଜଗନ୍ନାଥଙ୍କ 'ରାଉତ' ବା 'ସେବକ' ବୋଲି ଉଲ୍ଲେଖ କରିଛନ୍ତି । ଅନ୍ୟଏକ ଶିଳାଲେଖରେ ତାଙ୍କ ପୁତ୍ର ପ୍ରଥମ ନରସିଂହ ଦେବ ନିଜକୁ 'ପୁରୁଷୋତମ ପୁତ୍ର' ଭାବେ ଅଭିହିତ କରିଛନ୍ତି । ଅନଙ୍ଗଭୀମ ଦେବଙ୍କ ଅଣଜାତି ଦ୍ୱିତୀୟ ଗାଙ୍ଗୁଦେବ ନିଜକୁ ଶ୍ରୀଜଗନ୍ନାଥଙ୍କ 'ପ୍ରଭୁ' ବା 'ସ୍ୱାମୀ' ଭାବରେ ସ୍ୱୀକାର କରିଛନ୍ତି । ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କୁ 'ରାଷ୍ଟ୍ରଦେବତା' ବା 'ରାଜ୍ୟର ଦେବତା' ଭାବେ ଗ୍ରହଣ କରିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଶିଳାଲେଖରେ ମହାରାଜ ପ୍ରତାପ ରୁଦ୍ର ଦେବ ଘୋଷଣା କରିଛନ୍ତି ଯେ ତାଙ୍କର ଆଦେଶ ଅମାନ୍ୟ କରେ 'ଶ୍ରୀଜଗନ୍ନାଥ ଦ୍ରୋହ' ହେବ ।

ବର୍ତମାନ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଜନ୍ମ ୧୯୫୩ ମସିହାରେ । ତାଙ୍କ ପିତା ଗଜପତି କୀରକିଶୋର ଦେବ ଓ ମାତା ଥିଲେ ମାଆ ସୂର୍ଯ୍ୟମଣି ପାଟଦେବୀ । ୧୯୫୨ ମସିହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆଇନ ଅନୁଯାୟୀ ସ୍ୱସ୍ଥ ସବୁଲିପିରେ ଗଜପତି ମହାରାଜଙ୍କ ସେବାପୂଜା, ଅଧିକାର ଓ ପ୍ରାପ୍ତ ସମ୍ପର୍କରେ ଲିପିବଦ୍ଧ ରହିଛି । ଆବହମାନ ସଂସ୍କୃତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଗଜପତିଙ୍କ ଆବେଗମୟ ସମ୍ପର୍କ ରହିଛି । ଗଜପତି ମହାରାଜ ଓ ଶ୍ରୀନନ୍ଦର ଯାତ୍ରାକି ତାଙ୍କ ନିଚାର ସ୍ଥଳ ଏହା ୧୯୧୮ ମସିହାରେ ସ୍ଥାପିତ ହୋଇଥିଲା । ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ା ଯାତ୍ରାରେ ଛେରାପହଁରା ନାଟ୍ୟକ୍ରିଆ ରହିଛି । ମହାପ୍ରଭୁଙ୍କ ବର୍ଷ ତମାମ ଅନେକ ନୀତିକାନ୍ତି ଓ ପୂଜା ବ୍ୟବସ୍ଥା ସହିତ ତାଙ୍କ ଉପସ୍ଥିତି ମଧ୍

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ରାୟଗଡ଼ାରେ ଭୋଟର ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

ରାୟଗଡ଼, ୦୭/୦୬ (ଆ.ପ୍ର) : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଡି)-୨୦୨୬ କାର୍ଯ୍ୟକ୍ରମକୁ ସଫଳ ଓ ସର୍ବସମାବେଶୀ କରିବା ଉଦ୍ଦେଶ୍ୟରେ ୧୪୦–ରାୟଗଡ଼ ବିଧାନସଭା ମଣ୍ଡଳରେ ଏକ ଭୋଟର ଜନସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଣୁତୋଷ କୁଳକର୍ଣ୍ଣି ଙ୍କ ସହମତିକ୍ରମେ ଏବଂ ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରମେଶ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅଭିଯାନରେ ଉପ-ଜିଲ୍ଲାପାଳ ତଥା ବିଏଲଓ ଜେନା ସମସ୍ତ ନାଗରିକଙ୍କୁ ବୃଦ୍ଧ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଆୟୋଜିତ ଜନସଚେତନତା ଶୋଭାଯାତ୍ରା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଲିଙ୍କ ରୋଡ୍, ଲାୟନ୍ସ କ୍ଲବ ଭବନ, ଅନ୍ତର୍ଗୁଣ୍ଠ ହୋଇଥିବା ନିର୍ଦ୍ଧିଷ୍ଟ କରିବାକୁ ନିବେଦନ କରିଥିଲେ । ସେ କହିଥିଲେ ଯେ ନାଗରିକମାନେ ଗ୍ରେଡ୍ୱାଲଟ (https://voters.eci.gov.in) ଏବଂ Voter Helpline App ମାଧ୍ୟମରେ ମଧ୍ୟ ଅନଲାଇନ୍ ଆବେଦନ କରିପାରିବେ । ଏସଆଇଆର୍ ୨୦୨୬ ର ଡିଜିଟାଲ ଅଗ୍ରଗତି ଲାଗରେ କହ୍ନା ନଜର ରଖାଯାଇଥିବା ବେଳେ ,ଏଲଆରଓ ବିଏଲଓ ସୁପରଭାଇଜର ଓ ବିଏଲଓ ମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କ୍ଷେତ୍ର ଯାଂଚ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । "କୌଣସି ଭୋଟର ବାଦ ପଡ଼ିବେ ନାହିଁ" ଲକ୍ଷ୍ୟକୁ ସାମ୍ନାରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଆୟୋଜିତ ଜନସଚେତନତା ଶୋଭାଯାତ୍ରା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଲିଙ୍କ ରୋଡ୍, ଲାୟନ୍ସ କ୍ଲବ ଭବନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଭରବ୍ରିଜ୍ ଦେଇ ମହାତ୍ମା ଗାନ୍ଧୀ ପାର୍କଠାରେ ସମାପ୍ତ ହୋଇଥିଲା । ରାଜି ମାଧ୍ୟମରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଇଆରଓ ତଥା ରାୟଗଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ଜିଲ୍ଲା ଡେପୁଟି ନିର୍ବାଚନ ଅଧିକାରୀ ମାନୁଏଲା ପ୍ରିୟଦର୍ଶିନୀ, ମୁନସିପାଲିଟି ଅଧିକାରୀ କୁଳଦୀପ କୁମାର, ଜିଲ୍ଲା ସହକାରୀ ନିର୍ବାଚନ ଅଧିକାରୀ ଚିତିତ୍ରା ସେଠୀ, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସିଦ୍ଧାର୍ଥ ଆନନ୍ଦ ପଧା, ରୁପାଲୀ ପାତ୍ର, ସହକାରୀ କଲେକ୍ଟର ପ୍ରମୁଲୁ କୁମାର ବେହେରା, ଶୁଭେନ୍ଦୁ କୁମାର ସାହୁ, କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ତହସିଲ, ବ୍ଲକ, ପୌରପରିଷଦ ଏବଂ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

ଗୋଚର ଜମିରେ ବେଆଇନ ଭାବେ ଗୃହନିର୍ମାଣ ରାଜସ୍ୱ ବିଭାଗ ଚୁପ : ସାଧାରଣରେ ତୀବ୍ର ଅସନ୍ତୋଷ

ନିମାପଡ଼ା, ୦୭/୦୬ (ଆ.ପ୍ର) : ପୁରୀ ଜିଲ୍ଲା ଗୋପ ତହସିଲ ବଲଲାଙ୍କ ଆଉ ଆଜ ସର୍ବଳ ପୋଦନା ମୌଜାର ତିରୁଣା ଗ୍ରାମରେ ଅଧା ଏକ ଗୋଚର ଜମିକୁ ଚୋରୁ ଜବରଦସ୍ତ ଜବରଦଖଲ କରି ଜଣେ ବ୍ୟକ୍ତି ବେଆଇନ ଭାବେ ସ୍ଥାୟୀ ଗୃହ ନିର୍ମାଣ କରୁଥିବା ସମ୍ପର୍କ ରେ କେନ୍ଦ୍ରାଂଚଳ ଆଉଡିସି, ପୁରୀ ଜିଲ୍ଲାପାଳ, ଗୋପ ତହସିଲଦାର, ଗୋପ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ପୋଦନା ଗ୍ରାମର ଜୈନିକ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ପାଣ୍ଡିଚେରୀ - କୋଣାର୍କ ମୁଖ୍ୟ ରାସ୍ତାରୁ ତିରୁଣା ଯାଇଥିବା ଗ୍ରାମ୍ୟ ରାସ୍ତା ସମ୍ମୁଖରେ ଅଧା ଗୋଚର ଜମି (ପ୍ଲଟ ନମ୍ବର ୬୨) ରେ ଜୋର ଜବରଦସ୍ତ ସ୍ଥାୟୀ ଗୃହ ନିର୍ମାଣ କରୁଥିବାରୁ ପୋଦନା ମୌଜାରେ ଗୋଚର ଜମି ହ୍ରାସ ପାଇଛି । ଗୋଚର କିମ୍ବା ଜମି ରେ କୌଣସି ସ୍ଥାୟୀ ନିର୍ମାଣ କାର୍ଯ୍ୟ କରା ଯାଇ ପାରିବ ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟ ର ନିର୍ଦ୍ଦେଶ ରହିଛି । ତୁରନ୍ତ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ ହେଉଥିବା ସ୍ଥାୟୀ ଗୃହକୁ ଉଚ୍ଛେଦ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଗ୍ରାମବାସୀ ମାନେ ଗାଧା ହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ପୁରୀ ଜିଲ୍ଲାପାଳ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

ବଣାଇଁ ଓ କେନାଭେଟାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ

ବଣାଇଁ, ୦୭/୦୬ (ଆ.ପ୍ର) : ଆଜି ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୋଦାବରୀ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ମୁଖ୍ୟ ମନ୍ତ୍ରୀ ଆନୁଷ୍ଠାନିକ ଭାବେ ସ୍ଥାପନ କରିଛନ୍ତି । ଏଥିରେ ପ୍ରତି ବିଦ୍ୟାଳୟ ପାଇଁ ୫ ଏକର ଜାଗାରେ ୫ରୁ ୭ କୋଟି ବ୍ୟୟ କରାଯାଇ ପାଇଁ ହୋଇଛି ଧାର୍ଯ୍ୟ । ଏହି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଛାତ୍ରଛାତ୍ରୀଙ୍କ ମୂଳଦୁଆ ସୁଦୃଢ଼ କରିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିରେ ଚାଉଳତିକାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା ରହିବ । ଅଲିଖ ଶିକ୍ଷକ ସହ ସ୍ମାର୍ଟ କ୍ଲାସରୁମ, ଲବରୋଟୋରି, ଖେଳ ପଡିଆ, ଇତ୍ୟାଦିର ସୁବିଧା ରହିବ । ଆଜି ବଣାଇ ବ୍ଲକ ଅନ୍ତର୍ଗତ କେନାଭେଟା ଂଚାୟତ କେନାଭେଟା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ ଉପଲକ୍ଷେ ପ୍ରଧାନ ଶିକ୍ଷକ ଦଶରଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଣାଇଁ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ରାଉରକେଲା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅଜିତ ରାମ ମାଝିକୁଳ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ, ଜିଲ୍ଲା ପରିଷଦ(କ) ସଭ୍ୟ ଦୀପ ବିଚିତ୍ରସେନ ନାୟକ, ଅତିରିକ୍ତ ପ୍ରାଥମିକ ଶିକ୍ଷକ ନିରୀକ୍ଷକ ଉଦ୍ଧବନାଥ ସାହୁ, କେନାଭେଟା ସରପଂଚ ପ୍ରେମମାଳୀ କିଷାନ, ନାଏବ ସରପଂଚ ଶିବ ସୁନ୍ଦର ରାଉତ, ସମିତି ସଭ୍ୟ ଟିକେଶ୍ୱର ଚାଦିଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉଦ୍ଧବନାଥ ସାହୁ, ମୁରଲୀଧର ସାହୁ, ସମ୍ମାନ ସେବୀ ମଧୁ ସୂଦନ ସାହୁ, ପୂର୍ବତନ ଶିକ୍ଷକ ଲୁଦ୍ଧ ଚରଣ ଦାସ, ସିଆଇସିସି, ନୋଡାଲ ଅଫିସର, ଗୋବିନ୍ଦ ପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥଙ୍କ ପାଖରେ ଧୂପ ଦ୍ୱୀପପୁଷ୍ପ ଦେଇ ଶୁଭାରମ୍ଭ କରିଥିଲେ । ସେହିପରି ବଣାଇ ଗଡ଼ ରାଜା ଧରଣୀଧର ଭଞ୍ଜ ବିଦ୍ୟାଳୟକୁ ମଧ୍ୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ନାମିତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଭିଡ଼ିଓ ଜନସଂଚାର ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭିତି ପ୍ରସ୍ତର ସ୍ଥାପନର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଂଚ ପ୍ରେମମାଳୀ କିଷାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିଲେ ।

ଟୋକନ ପାଇବା ଖୁସିରେ ଚାଷୀ ଆନ୍ଦୋଳନ ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

କୋଳସରା, ୦୭/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ମେଗାଲିଫ୍ଟ ଚାଷୀ ମାନେ ବାର୍ଷି ଦିନ ଧରି ଧାନଦିଟ୍ଟି ଟୋକନ ପାଇଁ କୋଳସରା, ଜୟପଟଗଣ ଓ ଧର୍ମଗଡ଼ ବ୍ଲକର ଚାଷୀ ମାନେ ଆନ୍ଦୋଳନରତ ଥିଲେ । ଚାଷୀଙ୍କ ଆନ୍ଦୋଳନରେ ମେଗାଲିଫ୍ଟ ଚାଷୀ ସଂଗଠନ ସହିତ ଅନେକ ସଂଗଠନ ସାମିଲ ହୋଇ ସରକାରଙ୍କ ଠାରେ ଦାବୀ ଉପସ୍ଥାପନା, ଆନ୍ଦୋଳନ, ଆମରଣ ଅନଶନରେ ବସିଲେ । ଶେଷରେ ପ୍ରଶାସନ ଓ ରାଜ୍ୟସରକାର ଚାଷୀଙ୍କ ହକ ଅଧିକାର ଜୁନ ୪ ତାରିଖ ଦିନ ସମାଧାନ କରି ଚାଷୀଙ୍କୁ ଟୋକନ ପ୍ରଦାନ କରାଗଲା । ଟୋକନ ପ୍ରାପ୍ତ ପରେ ଚାଷୀମାନେ ଖୁସି ବ୍ୟକ୍ତକରି ରବିବାର ଫୁଫାଁ କୃଷକ ମଂଚ ପକ୍ଷରୁ ସରପଂଚ ତଥା ଫୁଫାଁ କୃଷକ ମଂଚର ସଭାପତି ଗଜାନନ ମୁଣ୍ଡାରୀଙ୍କ ସଭାପତିତ୍ୱରେ ଂଚାୟତ ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବାର୍ଷି ଦିନର ଆନ୍ଦୋଳନର ଅନୁକୂଳିକୁ ଚାଷୀ ମାନେ ଉପସ୍ଥାପନା କରି ମେଗାଲିଫ୍ଟ ଚାଷୀ ସଂଗଠନ ଆବାହକ, ସଭାପତି, ସମ୍ପାଦକ, ସମସ୍ତ କର୍ମକର୍ତ୍ତା, ସାମ୍ବାଦିକ ଓ ଚାଷୀ ମାନଙ୍କୁ ସମ୍ବର୍ଦ୍ଧନା ଓ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ମେଗାଲିଫ୍ଟ ଚାଷୀ ସଂଘର ସଭାପତି ପୁରୁଷୋତମ ଗୁପ୍ତା, ଆବାହକ ତଥା କୋଳସରା ବ୍ଲକ ଉପାଧ୍ୟକ୍ଷ ରାଜାବ କୁମାର ଅଗ୍ରୱାଲ, ଦୁର୍ଗା ପ୍ରସାଦ ନାୟକ, ସହଦେବ ଦାସ, ସୁନାଲ ବୁଢିଆ, ଖଗେଶ୍ୱର ପୁଝାରୀ, ରବି ନାରାୟଣ ଦାସ, ଗୋବିନ୍ଦ ଚନ୍ଦ୍ର ନାୟକ, ଖଗେଶ୍ୱର ପୁଝାରୀ, ପଞ୍ଚାନ ଫିଗର, ଜାଳାମ୍ବର ବାରିକ, ଦୁର୍ଯୋଧନ ଜାଲ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ହୋଇଥିଲେ । କାର୍ଯ୍ୟକ୍ରମକୁ ସାଧୁରାମ ପଟେଲ ସଂଯୋଜନା କରିଥିବା ବେଳେ ପ୍ରଭୁଲାଲ ପଟେଲ, ମନୁଲାଲ ପଟେଲ, ତାର୍ଥିଲାଲ ଶବର, ଲକ୍ଷ୍ମୀଲାଲ ପୁଝାରୀ, ଅରୁଣ୍ଡିତ ଶବର, ଶ୍ୟାମସୁନ୍ଦର ମାଝୀ, ଦେମନ୍ତ ଜାଳ, ଶ୍ୟାମସୁନ୍ଦର ଘି, ଲକ୍ଷ୍ମୀ ବଦନ, ଦେଓରାଣୀ ଗୋଲ, ଗଜାନନ ବଣ୍ଡା ସମେତ ଅଂଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ ମାନେ ଉପସ୍ଥିତ ଥିଲେ ।

ମହେନ୍ଦ୍ରଗିରି ପୁରୁଷୋତମ ମେଳାରେ ଗଂଗା ଆରତୀ

ପାରଳାଖେମୁଣ୍ଡି, ୦୭/୦୬ (ଆ.ପ୍ର) : ଚଳଂ ଜ୍ୟେଷ୍ଠ ମାସ ୯ ଦିନିଆ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ମହେନ୍ଦ୍ରଗିରିର ପୁରୁଷୋତମ ମେଳା ଗଂଗା ଆରତୀ ଭକ୍ତ ମାନଙ୍କୁ ଆକର୍ଷିତ କରିଛି । ରାଜତର ବିଭିନ୍ନ ପ୍ରାନ୍ତରରୁ ସାଧୁ ଓ ସନ୍ୟାସୀ ମାନଙ୍କ ଉପସ୍ଥିତି ଏହି ମେଳାକିବୁ ସାର୍ବଜନୀନ ଓ ମୁଖରିତ କରିଛି । ହଜାରହଜାର ସଂଖ୍ୟାରେ ଭକ୍ତମାନେ ଏହି ପବିତ୍ର ମେଳାରେ ମୁନୀଋଷି ମାନଙ୍କର ଆଶୀର୍ବାଦ ଭିକ୍ଷା କରି ନିଜ ସ୍ୱପ୍ନ ସାର୍ଥକ କରିଛନ୍ତି । ତଥା ବିଭିନ୍ନ ହୋମଯଜ୍ଞ ଏକ ଶାନ୍ତି ପରିବେଶ ସୃଷ୍ଟି କରିଛି । ଆଗାମୀ ଅଷ୍ଟମ ଓ ନବମ ଦିନରେ ମହାମହିମ ରାଜ୍ୟପାଳ ଓ ଉପ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ପୁଣ୍ୟ ପୀଠକୁ ଆସିବେ । ଏହା ପ୍ରଥମ ଥର ପାଇଁ ଏକ ଆବେଗର ମୁହୂର୍ତ୍ତକୁ ସୁନ୍ଦର ଭାବେ ଗଜପତି ଜିଲ୍ଲା ପ୍ରଶାସନ ଓ ମହେନ୍ଦ୍ରଗିରି ଯଜ୍ଞ କମିଟିର ସଦସ୍ୟବୃନ୍ଦ ସମ୍ପନ୍ନ କରିପାରିଛନ୍ତି । ତିରଦିନପାଇଁ ଏହି ମେଳା ଯେଉଁ ଲୋକଙ୍କ ହିତ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା ତାହା ସୁଫଳ ହୋଇ ରହିବ । ମହେନ୍ଦ୍ରଗିରି ଆଜି ରାଂପିନ ଆଲୋକମାଳାରେ ସୁସଜ୍ଜିତ ହୋଇ ଭକ୍ତ ମାନଙ୍କୁ ସେମାନଙ୍କର ସମସ୍ତ ସୁରକ୍ଷା ଓ ଉତ୍ତିର ବିନିମୟକୁ ଆହୁରି ପ୍ରଚାର କରିଛି ।

ଏନଏସି କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଦଶପଲ୍ଲା, ୦୭/୦୬ (ଆ.ପ୍ର) : ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦରେ କାର୍ଯ୍ୟ କରି ଆସୁଥିବା ଦୁଇ କର୍ମଚାରୀ ମାନସ କୁମାର ପତି ଏବଂ ବିପିନି ବିହାରୀ ପଣ୍ଡାଙ୍କୁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଦିତାଶ ମହାନ୍ତି, ବିଜେପି ନେତା ଅଞ୍ଜନ ଦାସ, ସମସ୍ତ କାଉନସିଲର, ଏନଏସିର କର୍ମଚାରୀ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ଶ୍ରୀପତିଙ୍କର ବଦଳଗର ମୁନିସିପାଲିଟିକୁ ବଦଳି ହୋଇଥିବା ବେଳେ ଶ୍ରୀ ପଣ୍ଡାଙ୍କୁ ଷୋଳପୁର ମୁନିସିପାଲିଟିକୁ ବଦଳି ହୋଇଛି । ଅନ୍ୟ ପକ୍ଷରେ ଚାଳ ସ୍ଥାନରେ ଶଙ୍କପଡ଼ା ଏନ୍‌ଏସିର ସିନିୟର ଆସିଷ୍ଟାଂଟ ବିପିନି ବିହାରୀ ପଟ୍ଟନାୟକ ଏବଂ ଭୁବନେଶ୍ୱର ଦିବ୍ୟମଣିର ଜୁନିୟର ଆସିଷ୍ଟାଂଟ ସନ୍ତୋଷ କୁମାର ପ୍ରଧାନଙ୍କୁ ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦରେ ଅତିରିକ୍ତ ଚାର୍ଜ ଦିଆଯାଇଛି ।

ଗୋପ ବ୍ଲକରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ

କାଳଜଟୁଡ଼, ୦୭/୦୬ (ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ଜଙ୍ଗଲଗୋଡ଼ି ଂଚାୟତ ଅନ୍ତର୍ଗତ ବିଷ୍ଣୁଜିପଡ଼ା ପ୍ରଳଙ୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କୋଣାର୍କ ଦେବୀ ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟ, କୋଣାର୍କ ପକ୍ଷରୁ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଗଠନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜଙ୍ଗଲଗୋଡ଼ି ଂଚାୟତ ପୂର୍ବତନ ସରପଂଚ ତଥା ସମ୍ମାନସେବୀ ପ୍ରଣୟ ସାହୁ, ସାରଳା ଆବାସିକ ମହାବିଦ୍ୟାଳୟର ପ୍ରତିଷ୍ଠାତା ବିଚେତନ ପଟିରା, ଶିକ୍ଷାବିତ ତପନ ସାହୁ, ପୂର୍ବୋଦୟ ଓଡ଼ିଶା ର ସଂଯୋଜକ ଜ୍ଞାନଚନ୍ଦନ ପଟିରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ପୂର୍ବୋଦୟ ଓଡ଼ିଶା ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଭୁବନେଶ୍ୱର ସାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିସିନ ବିଭାଗର ଡକ୍ଟର ସମ୍ପାଦ କୁମାର ସ୍ୱାଇଁ, ଅସ୍ଥିଶଲ୍ୟ ବିଭାଗର ଡକ୍ଟର ସନ୍ଦୀପ କୁମାର ରାଉତ, ଚକ୍ଷୁ ବିଭାଗର ବିଶେଷଜ୍ଞ ଡକ୍ଟର ବେଦବତ ପାଢ଼ୀ ଏବଂ ଶିଶୁ ବିଭାଗର ଡିକ୍ଟର ପାଇଁ ଡକ୍ଟର ମୋନାଲିସା ସାହୁ, ଦନ୍ତ ଚିକିତ୍ସା ବିଭାଗର ଦେବବ୍ରତଶ୍ରୀ ବେବର୍ତ୍ତା, ଡକ୍ଟର ସୂର୍ଯ୍ୟକାନ୍ତ ସାମଲ, ସଂଯୋଜକ ମୁଲେଶ ଗିରି ଙ୍କ ପାରାମେଡିକାଲ କର୍ମଚାରୀମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପରାମର୍ଶ ଓ ଚିକିତ୍ସା ପ୍ରଦାନ କରିଥିଲେ । ଏହା ସହିତ ବିଭିନ୍ନ ପ୍ରଳାଳ ଲାଭ ଟେଷ୍ଟ, ବ୍ଲଡ଼ ପ୍ରେସର ପରୀକ୍ଷା, ଇସିଜି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀମାନଙ୍କୁ ମାଗଣାରେ ଆବଶ୍ୟକୀୟ ଔଷଧ ଏବଂ ଶ୍ରୀଖୁ ପ୍ରବାହ ପାଇଁ ପର୍ଯ୍ୟାପ୍ତ ଓଆରଏସ ବଂଟନ କରାଯାଇଥିଲା । ଶିବିରର ସଂଯୋଜକ ସମାଜସେବୀ ଜାନୀସ୍ୱାସାଥ ସ୍ୱାଇଁ ମଂଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସଭାପତି ରାକେଶ ଗୋଶନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସମସ୍ତ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ବେଳେ ଆଖପାଖ ଂଚାୟତ ରୁ ପ୍ରାୟ ଶହ ଶହ ଲୋକ ଏହି ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଉପକୃତ ହୋଇଛନ୍ତି ।

କାଳବୈଶାଖୀ ପ୍ରଭାବରେ ବେଲଘର ସମେତ ୬ ଂଚାୟତରେ ୧୪ ଦିନ ହେବ ଅନ୍ଧାର

ବାଲିଗୁଡ଼ା, ୦୭/୦୬ (ଆ.ପ୍ର) : ଛତ୍ରମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍

ଆରମ୍ଭ
SEITHO AKAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଅପର୍ଣ୍ଣା ପାର୍ବତୀ ରାମଲୀଳା ପ୍ରଚାର ସମିତି ପକ୍ଷରୁ ଶ୍ରୀରାମଲୀଳା ମହୋତ୍ସବ

ଟାଙ୍ଗୀ ଚୌଦ୍ୱାର, ୦୭/୦୬ (ଆ.ପ୍ର) : ଶ୍ରୀ ଶ୍ରୀ ଅପର୍ଣା ପାର୍ବତୀ ରାମଲୀଳା ପ୍ରଚାର ସମିତି (ତାଉଜିଆଗଞ୍ଜ) ତରଫରୁ ତାଉଜିଆଗଞ୍ଜ ସାହି ଛକଠାରେ ଶ୍ରୀରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଗତ ୨୫ ବର୍ଷ ପରେ ତାଉଜିଆଗଞ୍ଜ ସାହି ଛକଠାରେ ଶ୍ରୀରାମଲୀଳା ହେଉଥିବାରୁ ଚାଉଜିଆଗଞ୍ଜ ବାସିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ୨୨ ଦିନରୁ ୩୨ ଦିନ ଭାଗ ସଂଙ୍କୀର୍ତ୍ତନ ମଣ୍ଡଳୀ ସଭ୍ୟ ରବୀନ୍ଦ୍ର ବେହେରା, ଛତ୍ରକ ଚୌଦ୍ୱାର ବିଧାୟକ ସୌମିକ ବିଶ୍ୱାଳ, ବିଜେପି ନେତା ସନ୍ତୋଷ ମହାନ୍ତି, କଂଗ୍ରେସ ନେତା ଜନିଶଙ୍କର ଗାଉଡ଼, ମହାବୀର ନାଟ୍ୟ କଳା ସଂସଦ ତଥା ଶରଡିଆ ସାହି ପ୍ରମୋଦର ପଦାର ଅଧିକାରୀ ନଗେନ ସାମନ୍ତ ରାୟ, ମହନ୍ତ କ୍ଷୀରୋଦ ନାୟକ କଟୁଆଳ ମାନସ ଦାସ ଉପସ୍ଥିତ ଥିଲେ । ଲକ୍ଷ୍ମୀ ନାରାୟଣ ପୂଜା କମିଟି ତରଫରୁ ତାଉଜିଆଗଞ୍ଜ ଅଧିକାରୀ ପ୍ରଦୀପ କୁମାର ସାହୁ, ସଂକୀର୍ତ୍ତନ ଗୁରୁ ମହେନ୍ଦ୍ର ସାହୁ, କଟୁଆଳ ଦିପକ କୁମାର ସାହୁଙ୍କ ସମେତ ଲୋକ ହାଣ୍ଡି ଓ ମାନପତ୍ର ଦେଇ ମହାବୀର ନାଟ୍ୟ କଳା ସଂସଦ ଅନୁଷ୍ଠାନକୁ ସଂମ୍ମାନିତ କରାଯାଇଥିଲା । ଅପର୍ଣା ପାର୍ବତୀ ରାମଲୀଳା ପ୍ରଚାର ସମିତି ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ସ୍ୱାଇଁ ସମ୍ପାଦକ ବନମାଳୀ ଦାସ, ବିଡଂଚି ନାରାୟଣ ସାହୁ, କୈଳାଶ ବେହେରା, ସୋମନାଥ ଦାଗିକ, ଚନ୍ଦ୍ରକାନ୍ତ ସାହୁ, ଜଗନ୍ନାଥ ସାହୁ, ତନ୍ମୟକାନ୍ତ ସାହୁ, ଶ୍ରୀକାନ୍ତ ଦାସ, ସୁଶୀଳ ସାହୁ, ମନେଶ ପାଟରା, ସୁନୀଲ ସାହୁ, ଭବାନୀ ଦେଓାଳ , ଅଶୋକ ବେହେରା, ବିଜୟ ପାତ୍ର ସହଯୋଗ କରିଥିଲେ । କୋଷାଧ୍ୟକ୍ଷ ଗୌରବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ତିନୋଟି ଅନୁଷ୍ଠାନକୁ ନେଇ ହୋଇଥିବା ରାମଲୀଳା ପ୍ରତିଯୋଗିତାରେ ମହାବୀର ନାଟ୍ୟ କଳା ସଂସଦ ଏକ ନମ୍ବର ସ୍ଥାନ ଲାଭକରି କରିଥିଲା । ଅନୁଷ୍ଠାନର ସମସ୍ତ କଳାକାରଙ୍କ ଅଭିନୟ ଭଳି କୋଟିର ହୋଇଥିବା ବେଳେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଜାତୀୟ ପୁରସ୍କାର ବିଜେତା ମାଧୁରିଶ୍ରୀ ଲାଲା ସଙ୍ଗୀତ ଗୁଞ୍ଜରୀ ରଞ୍ଜିତ ପ୍ରସାଦ ଜେନାଙ୍କ ବଳିଷ୍ଠ ନିର୍ଦ୍ଦେଶନା ଭଳି କୋଟିର ଥିଲା । ଏହାକୁ ଅଂଚଳ ବାସି ଧନ୍ୟବାଦ ଦେବା ସହ ଲୁୟସୀ ପ୍ରଶଂସା କରିଥିଲେ ।

‘ସେଇଠୁ ଆରମ୍ଭ ‘ର ପ୍ରଭାବ ତଦନ୍ତ କଲେ ଏବିଇଓ, ସାତଦିନର ମହଲତ

ଦଶପଲ୍ଲା, ୦୭/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଚନ୍ଦ୍ରନାଥ ମୋହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରମ୍ବାର ଶିକ୍ଷକ ବିଦ୍ୟେଶ୍ୱର ବେହେରାଙ୍କ ଡେପୁଟେସନ ସମୟସୀମା ବୁଡି ଓ ଏଥିନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଜନସାଧାରଣଙ୍କ ଅସନ୍ତୋଷ ନେଇ ‘ସେଇଠୁ ଆରମ୍ଭ’ ସମ୍ବାଦପତ୍ରରେ ଖବର ପ୍ରକାଶନ ପରେ ବିଭାଗୀୟ ତଦନ୍ତରୁ ପ୍ରକାଶ ପଇଛି । ଘଟଣାରେ ପରିଚାଳନା କମିଟି ଓ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ନେଇ ଖବର ପ୍ରକାଶନ ପରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଜାନା ଘଟଣାର ତଦନ୍ତ କରିଛନ୍ତି । ତଦନ୍ତ ସମୟରେ ଶିକ୍ଷକ ଶ୍ରୀ ବେହେରାଙ୍କୁ ହଟାଇବା ପାଇଁ ଦୁଇବାଦୀ ଉପସ୍ଥାପନ କରିବା ସହିତ ସାତଦିନ ମଧ୍ୟରେ ପରକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଲୋକଠୋଲ୍ ଜଣାଇ ଦେଇଥିବା ଜଣାପଡିଛି । ଦେଖାଯାଉ ଆଗକୁ କ’ଣ ହେଉଛି ।

ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେଲେ ସବ୍ୟସାଚୀ

ପୁରୀ, ୦୭/୦୬ (ଆ.ପ୍ର) : ପ୍ରକୃତିର ସଂରକ୍ଷଣ ଓ ସୁରକ୍ଷା ଦିଗରେ କାର୍ଯ୍ୟ ନିମନ୍ତେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଅଭୟମୁଖି ଗ୍ରାମପଂଚାୟତ ର ଇନ୍ଦିପୁର ଗ୍ରାମର ପିତା ପ୍ରମୋଦ ସେନାପତି ଙ୍କ ପୁତ୍ର ସବ୍ୟସାଚୀ ସେନାପତି କୁ ବର୍ତ୍ତମାନ ବର୍ଷ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଜଲେଜ ପଢ଼ିବା ସମୟରୁ ବୃକ୍ଷରୋପଣ ଠାରୁ ଆରମ୍ଭ କରି ଲୋକମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନତା ବାର୍ତା ଦେବା କାର୍ଯ୍ୟ କରି ଆସୁଛନ୍ତି । ନିଜ ଗ୍ରାମ ତଥା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା ସହ ବିଭିନ୍ନ ଗ୍ରାମ ବୁଲି ଗ୍ରାମବାସୀଙ୍କ ଚାରା ବଣ୍ଟନ କରିଆସୁଛନ୍ତି । ଏଥି ନିମନ୍ତେ ବିଶ୍ୱ ପରିବେଶ ଦିବସ ଅବସରରେ ବ୍ଲୁ ଫ୍ଲାଗ ବିଚ୍ ନିକଟରେ ଆୟୋଜିତ ବର୍ଷାଢ଼ୟ ସଭାରେ ବିଭାଗୀୟ ବନ ଅଧିକାରୀ ଅନାଲି ରାଉତ ତାଙ୍କୁ ମାନପତ୍ର ସହ ଉନ୍ନତ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଅନ୍ୟ ବିଶିଷ୍ଟ ଅଧିକାରୀ ମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ଷ୍ଟିର୍ ପକ୍ଷା , ବନ ବିଶେଷଜ୍ଞ ଆକାଶ ରଞ୍ଜନ ରଥ, ପରିବେଶବିତ୍ ସୁଚରିତ୍ର କର ଆଦି ଉପସ୍ଥିତ ଥିଲେ ।ବିଗତ ବର୍ଷରେ ଜାତୀୟ ସେବା ଯୋଜନା ର ରାଜ୍ୟ ଜଣେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ମାନିତ । ଜଗନ୍ନାଥ ସେବା ସମ୍ମାନ, ରାଜ୍ୟସ୍ତର ଗାନ୍ଧୀ ପ୍ରତିଭା ସମ୍ମାନ, ସେବାରତ୍ନ ଆଦି ଅନେକ ସମ୍ମାନରେ ସମ୍ମାନିତ । ଏତେ କମ ବୟସରୁ ପ୍ରକୃତି କୁ ଭଲ ପାଉଥିବା ଜଣେ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିବାରୁ ବିଭିନ୍ନ ମହଲରୁ ପ୍ରଶଂସା ର ସୁଡ ଛୁଟିଛି ।

ନିମାପଡା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ

ନିମାପଡା, ୦୭/୦୬ (ଆ.ପ୍ର) : ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଆଜି ଅପରାହ୍ନରେ ନିମାପଡା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପଦ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରମାକାନ୍ତ ବେହେରା, ସହ-ସଂପାଦକ ଅଶୋକ ବେହେରା, ସଂଗଠନ ସଂପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ମାନସ ଦାସ, ବରିଷ୍ଠ ସାମ୍ବାଦିକ ସଂଜୟ ପତି, ରଂଜନ ଦାସଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ। ପ୍ରେସ କ୍ଲବର ନିବାଚନ ଅବଧି ଶେଷ ହୋଇଯାଇଥିବାରୁ ଆସନ୍ତା ୧୭ ତାରିଖରେ ନିର୍ବାଚନ କରାଯିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଆଜି ପ୍ରେସ କ୍ଲବରେ ୨ଜଣ ନୂତନ ସଭ୍ୟ ଯୋଗଦେଇଥିବାରୁ ସେମାନଙ୍କୁ ପ୍ରେସ କ୍ଲବ ତରଫରୁ ସ୍ୱାଗତ କରାଯାଇଥିଲା । ପ୍ରେସ କ୍ଲବରେ ଆଉ ୪ଜଣ ନୂତନ ସଭ୍ୟ ହେବା ପାଇଁ ଆବେଦନ ଜମିଛନ୍ତି, ପରବର୍ତ୍ତୀ ବୈଠକରେ ସେମାନଙ୍କୁ ସଭ୍ୟାଭାବେ ଗ୍ରହଣ କରାଯିବ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିମାପଡାରେ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିବା ଶୁଦ୍ଧଶୀଘ୍ର ତାରିଖ ଓ ସମୟ ରାଜ୍ୟ ସଭାପତିଙ୍କୁ ଜଣାଇବା ପାଇଁ ବରିଷ୍ଠ ସାମ୍ବାଦିକ ସଂଜୟ ପତିଙ୍କୁ ଦାୟିତ୍ୱ ଦିଆଯାଇଛି ।

ମହାମହିମ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ସମ୍ମାନ ଦେବାକୁ ଭୁଲିଗଲେ ବ୍ଲକ ଶିକ୍ଷା ବିଭାଗ

ଧାମନଗର, ୦୭/୦୬ (ଆ.ପ୍ର) : ଭାରତ ସ୍ୱାଧୀନ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନ, ସେହି ବୀର ସନ୍ତାନଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ରାଜନୈତିକ ନେତାମାନେ ଜିଇଁବି ଅସମ୍ମାନ କରିପାରନ୍ତି, ତାର ଏକ ଜ୍ୱଳନ୍ତ ଉଦାହରଣ ଆଜି ଧାମନଗର ବ୍ଲକ ବୟାଙ୍ଗଡିହି ପଂଚାୟତରେ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଗୋବାବଗୀଣ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଶିଳାନ୍ୟାସ ଉତ୍ସବ ଅବସରରେ ଜଣେ ପ୍ରତିଷ୍ଠିତ ତିନି ତିନି ଥର ରାଷ୍ଟ୍ରପତି ସମ୍ମାନ ପ୍ରାପ୍ତ ୯୮ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ମଂଚ ତଳେ ଅପମାନିତ କରାଯାଇଥିବା ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଦିପ୍ରାଥିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତିରିଖ ୨୦୪ଟି ‘ଗୋବାବଗୀଣ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ର ଶିଳାପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କ୍ରମରେ ଧାମନଗର ବ୍ଲକର ବୟାଙ୍ଗଡିହି ଉଚ୍ଚ୍ କମଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ଥାନୀୟ ସ୍ତରରେ ଏକ ଶିଳାନ୍ୟାସ ଉତ୍ସବର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଂଚରେ କୌଣସି ଆସନ ଖାଲି ନଥିଲା ବି କେହି ଜଣେ ହେଲେ ସରକାରୀ ବା ରାଜନୈତିକ ବ୍ୟକ୍ତି ତାଙ୍କୁ ସମ୍ମାନର ସହ ମଂଚକୁ ଡାକିବା ଉଚିତ୍ ମନିନଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଦେଶାମୁହୋଧର ଭାବତାରେ ଉଦ୍‌ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଂଚ ତଳେ ଛିଡ଼ାହୋଇ ସଙ୍ଗୀତ ଗାନ କରିଥିଲେ, କିନ୍ତୁ ଅଭିମାନୀ ମୁହାଣ, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପାତ୍ର, ସମାଜସେବୀ ସୁତ୍ରଧର ସାମଲ ଏବଂ ସ୍ଥାନୀୟ ସରପଂଚଙ୍କ ପରିବାର ଲୋକେ ଆସନ ଗ୍ରହଣ କରି ସାରିଥିଲେ । ଆଶ୍ଚର୍ଯ୍ୟର ବିଷୟ, ସଭାସ୍ଥଳରେ ପହଂଚିଥିବା ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଂଚରେ କୌଣସି ଆସନ ଖାଲି ନଥିଲା ବି କେହି ଜଣେ ହେଲେ ସରକାରୀ ବା ରାଜନୈତିକ ବ୍ୟକ୍ତି ତାଙ୍କୁ ସମ୍ମାନର ସହ ମଂଚକୁ ଡାକିବା ଉଚିତ୍ ମନିନଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଦେଶାମୁହୋଧର ଭାବତାରେ ଉଦ୍‌ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଂଚ ତଳେ ଛିଡ଼ାହୋଇ ସଙ୍ଗୀତ ଗାନ କରିଥିଲେ, କିନ୍ତୁ ଅଭିମାନୀ ବ୍ଲକ୍ ନିଂରେ ସମ୍ବୋଧନ ମଂତାଙ୍କୀନ ବ୍ୟକ୍ତିବିଶେଷଙ୍କ ଆଖି ତାଙ୍କ ଉପରେ ପଡ଼ିନଥିଲା । ଏହି ସମ୍ବେଦନଶୀନ ଦୃଶ୍ୟକୁ ଦେଖିବାରେ ଉପସ୍ଥିତ ଜଣେ ସ୍ଥାନୀୟ ସାମ୍ବାଦିକ ନିଜ କ୍ୟାମେରାରେ କବଦ କରି ସୋଶିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ସଭାସ୍ଥଳରେ ହତତମତ ସୃଷ୍ଟି ହୋଇଥିଲା । ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଏବଂ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ତେବା ଫେରିଥିଲା ପ୍ରଶାସନର । ମଂଚରେ ଥିବା ବ୍ୟକ୍ତିମାନେ ତରବରିଆ ଭାବେ ତାଙ୍କୁ ମଂଚକୁ ଡାକିବାକୁ ଚେଷ୍ଟା କରିଥିଲେ, ମାତ୍ର ସେତୋରେ ମଧ୍ୟ ଅକ୍ଷତାର ସୀମା ପାର୍ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ଭାଉତଙ୍କୁ ମଂଚରୁ ଡାକିବା ବେଳେ ‘ସ୍ୱାଧୀନତା ସଂଗ୍ରାମୀ ଗଣେଶ୍ୱର ଭାଉତ ମଂଚକୁ ଆସନ୍ତୁ’ ବୋଲି ବ୍ଲକ୍ ନିଂରେ ସମ୍ବୋଧନ କରାଯାଇଥିଲା, ଯାହା ସେମାନଙ୍କର ସଂଗ୍ରାମୀଙ୍କ ପ୍ରତି ଥିବା ଆନ୍ତରିକତା ଓ ସମ୍ମାନବୋଧର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି । ବୟାଙ୍ଗଡିହି ଗାଁର ବ୍ରଜକିଶୋର ଭାଉତ ଜଣେ ନାମୀ ସ୍ୱାଧୀନତା ସଂଗ୍ରାମୀ । ଗତ ୨୦୨୦ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ ‘ସ୍ୱତନ୍ତ୍ରତା ସୈନିକ ସମ୍ମାନ ଯୋଜନା’ରେ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ରଞ୍ଜନ ଦାସ ଓ ବିଡିଓ ଦୁର୍ଗାଚରଣ ମୁର୍ମୁ ନିଜେ ବ୍ରଜକିଶୋରଙ୍କ ଦ୍ୱାରଦେଶରେ ପହଂଚି ତାଙ୍କୁ ସମ୍ମାନିତ କରିଥିଲେ । ଗାଁରେ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ବୋଲି ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଟି ଲେଖାଏଁ ସତ, ମାତ୍ର ସଭାସ୍ଥଳରେ ତାଙ୍କୁ ଉପଯୁକ୍ତ ପ୍ରୋଟୋକଲ୍ ଓ ସମ୍ମାନ ଦେବାକୁ ଭୁଲିଗଲେ । ନେତା ଓ ସରକାରୀ ଦାଦୁମାନଙ୍କର ଏଭଳି ଦେଖାଦିଚି ମନୋଭାବକୁ ଧାମନଗର କୁଳିଙ୍କୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

୮୨ ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭିଜିଲାନ୍ସ ତଦନ୍ତ ଦାବି

କାକଟପୁର, ୦୭/୦୬ (ଆ.ପ୍ର) : ନିମାପଡା ଜଳସେଚନ ଡିଭିଜନ ଅଧୀନ ସୁହାଣପୁର ଗ୍ରାମରେ ପାଟପୁର ମାଇନରର ୧୭୩୫ ମିଟରରୁ ୩୬୬୦ ମିଟର ପର୍ଯ୍ୟନ୍ତ ସର୍ଭିସ ରାସ୍ତା ଜନ୍ମୁତିକରଣ କାର୍ଯ୍ୟରେ ଗୁରୁତର ବୈଷୟିକ ତ୍ରୁଟି, ନିମ୍ନମାନର ନିର୍ମାଣ ଏବଂ ସମ୍ପାଦ୍ୟ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି । ପ୍ରାୟ ୮୨ ଲକ୍ଷ ଟଙ୍କା ବ୍ୟୟରେ ସମ୍ପାଦିତ ଏହି କାର୍ଯ୍ୟର ତ୍ରୁଣ୍ଟବତାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢ଼ିଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ଦାବି ଜୋର ଧରିଛି । ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ଆବଶ୍ୟକ ମାଟି କାମ, କମ୍ପାକ୍ଟନ, ମେଟାଲ ବିଛାଇବା, ଉନ୍ନତ ମାନର ମୋରମ ପକାଇବା ଏବଂ ପାଣି ଦେଇ ରୋଲର ଦ୍ୱାରା ସଠିକ୍ ଭାବରେ ବଦାଇବା ଭଳି ବୈଷୟିକ ପ୍ରକ୍ରିୟା ସଠିକ୍ ଭାବେ ପାଳନ କରାଯାଇନାହିଁ । ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଡ୍ରେନ୍ ଅଧିକାଂଶ ସ୍ଥାନରେ ଅନୁପସ୍ଥିତ ଥିବା ବେଳେ ବର୍ମ ଉପରେ ବିଛାଯିବାକୁ ଥିବା ମୋରମ ସ୍ତର ମଧ୍ୟ ଦେଖାଯାଉ ନାହିଁ । ସେହିପରି ନିର୍ଦ୍ଧାରିତ ମାନର ମୋରମ୍ ବଦଳରେ ଅଧିକ ବାଲି ଓ ମାଟି ମିଶ୍ରିତ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଏବଂ ପଥର ସ୍ତରରେ ଅତ୍ୟଧିକ ବଡ଼ ଓ ନିମ୍ନମାନର ପଥର ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ପାଣି ଜିଂଚିବା ଓ ଗୋଲର ଦ୍ୱାରା କମ୍ପାକ୍ଟନ କରାଯାଇନଥିବାରୁ ରାସ୍ତାର ସ୍ଥାୟିତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାର୍ଯ୍ୟ ସମାପ୍ତିର କିଛି ଦିନ ମଧ୍ୟରେ ରାସ୍ତାର ଦିଭିନ୍ନ ସ୍ଥାନରେ ପାର୍ଶ୍ୱ ଭାଙ୍ଗିବା, ମାଟି କ୍ଷୟ, ରାସ୍ତା ବସିଯିବା, ଉପରିଭାଗ ଧୋଇଯିବା ଏବଂ ବଡ଼ ବଡ଼ ପଥର ବାହାରକୁ ଦେଖାଯିବା ଭଳି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି । ଏହି ପ୍ରସଙ୍ଗରେ ମୁଖ୍ୟ ଯନ୍ତ୍ରୀ, ପ୍ରଧାନ ଯନ୍ତ୍ରୀ, ବିଶେଷ ସଚିବ, ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗୁଣବତା ନିୟନ୍ତ୍ରଣ ସଂଗଠନ ଓ ଭିଜିଲାନ୍ସ ବିଭାଗ ନିଜସ୍ତରେ ନିଖୁତ ଅଭିଯୋଗ ଦାଖଲ କରାଯାଇଥିବା ସୂଚନା ମିଳିଛି । ଅଭିଯୋଗକାରୀ ସମ୍ପୂର୍ଣ୍ଣ କାର୍ଯ୍ୟର ଯୁଗ୍ମ ବୈଷୟିକ ପରିଦର୍ଶନ, ପୁନଃମାପଚୁପ, ମେଜରମେଣ୍ଟ ବୁକ୍ ଓ ଅନ୍ତିମ ବିଲ୍ ଯାଂଚ, ସ୍ୱାଧୀନ ଗୁଣବତା ପରୀକ୍ଷା ଏବଂ ତୃତୀୟ ପକ୍ଷ ଦ୍ୱାରା ବୈଷୟିକ ଅଡିଟ୍ ଦାବି କରିଛନ୍ତି । ଅନିୟମିତତା ପ୍ରମାଣିତ ହେଲେ ସମ୍ପୃକ୍ତ ଠିକାଦାର ଓ ବାୟା ଅଧିକାରୀଙ୍କ ବିରୋଧରେ କଠୋର ବିଭାଗୀୟ, ଆର୍ଥିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି କରାଯାଇଛି । ପ୍ରକୃତରେ ସୂଚନା ଫଳକ ନଲଗାଇ ଏପରି ନିମ୍ନମାନର ରାସ୍ତା କାର୍ଯ୍ୟ ସରକାରୀ ଅର୍ଥରେ ନିର୍ମିତ ଏହି ପ୍ରକଳ୍ପରେ ପ୍ରକୃତରେ ଅନିୟମିତତା ଘଟିଛି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ତେବେ ଲାମ ସରିବାର ଅଳ୍ପ ଦିନ ମଧ୍ୟରେ ରାସ୍ତାର ଅବସ୍ଥା ବିସିଡ଼ିସିବା ଜଳସେଚନ ବିଭାଗର ତଦାରଖ ଓ ନିର୍ମାଣ ଗୁଣବତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ସାଧାରଣ ଲୋକେ ଏହାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ଦାବି କରୁଛନ୍ତି ।

ପଟିଆ ରଜ ଉତ୍ସବ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୭/୦୬ (ଆ.ପ୍ର) : ପଟିଆ ରଜ ଉତ୍ସବ ପାଇ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ପରିତ୍ୟକ୍ତ ଗୃହ ଉପରେ ନୂତନ ଛାତ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ, ଜିଲ୍ଲାପାଳଙ୍କ ଦୃଷ୍ଟି ପଡୁ

ଖଣ୍ଡପଡ଼ା, ୦୭/୦୬ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକର କିଆରେ ପଂଚାୟତ ଅଧୀନ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବିସ୍ତି ବର୍ଷ ତଳେ ନିର୍ମାଣ ହୋଇଥିବା ଏକ ପୁରାତନ ଶ୍ରେଣୀଗୃହର କାନ୍ଥ ଉପରେ ନୂତନ କାନ୍ଥ ନିର୍ମାଣ କରାଯାଇ ଛାତ ପକା ଯାଇଥିବାରୁ ନେଇ ଜଣା ପଡିବା ପରେ ଏହାକୁ ତୀବ୍ର ବିରୋଧ କରିଛନ୍ତି ସ୍ଥାନୀୟ ଗ୍ରାମବାସିମାନେ । ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟେକ ଉଦ୍ୟାବଧାନରେ ଏକ ପରିତ୍ୟକ୍ତ ଶ୍ରେଣୀଗୃହ ଉପରେ ନିର୍ମାଣ କରାଯାଇଥିବା ଏହି କାର୍ଯ୍ୟର ସ୍ୱାରସ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ଜନୈକ କନିଷ୍ଠ ଅନ୍ତୀଙ୍କ ଛାତସାରରେ ଏହି କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ ପ୍ରତି ବ୍ଲକ ପ୍ରଶାସନ ନତୁବା ଜିଲ୍ଲା ପ୍ରଶାସନ ସେତେଟା ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଛତ ୧୯୯୬ ମସିହାରେ ଉକ୍ତ ବିଦ୍ୟାଳୟ ପରିସରରେ ଉକ୍ତ ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଛାତ ପଟନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିଲା । ସେହିଦିନ ଠାରୁ ଉକ୍ତ ପୁରାତନ ଶ୍ରେଣୀଗୃହଟି ଅଧ୍ୟାପକଙ୍କିଆ ଅବସ୍ଥାରେ ପଡି ରହିଥିବା ଜଣାପଡିଛି । ତେବେ ବିଗତ ୩୦ ବର୍ଷ ପରେ ପରିତ୍ୟକ୍ତ ଶ୍ରେଣୀ ଗୃହ ଉପରେ ଖଣ୍ଡପଡ଼ା ବିଧାୟକଙ୍କ ଛାତପାଣ୍ଠି ଅନୁଦାନ ଅର୍ଥରେ କିଛି ନିର୍ମାଣ କାର୍ଯ୍ୟ ଚାଲିଛି ସେ ସଂପର୍କରେ ବ୍ଲକ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲାପାଳ ବୃଦ୍ଧି ଦେବାକୁ କିମ୍ବାଛେଡ ସଂଚାୟତ ସରପଂଚ ଦୀପାଞ୍ଜଳି ମହାନ୍ତି ଦାବି କରିବା ସହ ସେ ସଂପର୍କରେ ସେ ଲିଖିତ ଭାବେ ନୟାଗଡ଼ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷିତ କରିଥିବା ଜଣାଯାଇଛି । ତେବେ ପରିତ୍ୟକ୍ତ ଶ୍ରେଣୀଗୃହ ଉପରେ ନୂତନ ଛାତ ଢାଳା ସ୍ୱାର୍ଥରେ ନିର୍ମାଣ କରାଯାଉଛି ସେ ସଂପର୍କରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାସ୍ଥ ବିଭାଗ ଦୃଷ୍ଟି ଦେବାକୁ ମଙ୍ଗରାଜପୁର ଗ୍ରାମବାସୀ ଦାବି କରିଛନ୍ତି ।

ନୂଆପଡ଼ାର ଦୁଇ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ନୂଆପଡ଼ା, ୦୭/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ଜେଞ୍ଜେରା ଓ କୁକୁଡ଼ାଡାଳ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରିବା ପାଇଁ ଶିଳାନ୍ୟାସ ଉତ୍ସବ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଗାଳ୍ପାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆରାଧୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । ନୂଆପଡ଼ା ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଞ୍ଜେରା ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁକୁଡ଼ାଡାଳକୁ ଏହି ଯୋଜନାରେ ସାମିଲ କରାଯାଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ । ଏହି ଯୋଜନା ଅଧୀନରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପରୀକ୍ଷାଗାର, ସମୃଦ୍ଧ ପାଠାଗାର, ଉନ୍ନତ ଶିକ୍ଷଣ ଉପକରଣ ସମେତ ବିଭିନ୍ନ ଭିତ୍ତିଭୂମି ସୁବିଧା ସୃଷ୍ଟି କରାଯିବ । ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଞ୍ଜେରାଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଜିଲ୍ଲାପାଳ ମଧୁସୂଦନ ବାଣ୍ଡେ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆପଡ଼ା ମାନ୍ୟବର ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାଳ୍ପା ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଶିକ୍ଷାର ଗୁଣାତ୍ମକ ବିକାଶରେ ସହାୟକ ହେବ ବୋଲି କହିଥିଲେ । ଖଡ଼ିଆଳ ରୋଡ଼ ଏନ୍‌ଏସି ଅଧ୍ୟକ୍ଷା ତୃପ୍ତି ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ଚାରେଶ୍ୱରୀ ସାହୁ, କୋମନ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମାର, ଜିଲ୍ଲା ପରିଷଦ ସଦସ୍ୟା ଜମା ଠାକୁର, ପଂଚାୟତ ସମିତି ସଦସ୍ୟା କୁନ୍ତୀବାଈ ସାହୁ ଏବଂ ବିଶିଷ୍ଟ ଶିକ୍ଷାବିତ ଶିବପ୍ରସାଦ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ । ଜାଳ୍ପାସ୍ତରୀୟ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ, କୋରାପୁଟ, ବାଲେଶ୍ୱର ଓ ନୂଆପଡ଼ା ଜିଲ୍ଲାର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ଆରାଧୀ ମାଧ୍ୟମରେ ଆଲୋଚନା କରିଥିଲେ । ନୂଆପଡ଼ା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ବିଦ୍ୟାଳୟର ଜିଡିଭୂମି ଉନ୍ନତି ସହ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବେ ସେ ସମ୍ପର୍କରେ ମତ ରଖିଥିଲେ । କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ମଧୁସୂଦନ ବାଣ୍ଡେ କହିଥିଲେ ଯେ, ଏହି ଯୋଜନା ଜିଲ୍ଲାର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସହାୟକ ହେବ । ଉନ୍ନତ ଶିକ୍ଷା ଭିତ୍ତିଭୂମି ଏବଂ ଆଧୁନିକ ଶିକ୍ଷଣ ପଦ୍ଧତି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ କ୍ଷମତା ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଜିଲ୍ଲାରେ ୫,୯୫,୯୦୭ ବା ୬୯.୪୨ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବିତରଣ

ନବରଙ୍ଗପୁର, ୦୭/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଂଶୋଧନ ଏସ ଆଇ ଆର କାର୍ଯ୍ୟ ଚାଲିଛି । ବି ଏଲ ଓ ମାନେ ଘରକୁ ଘର ଯାଇ ବର୍ତ୍ତମାନ ସୁଦ୍ଧା ୫,୯୫,୯୦୭ ଜଣ ବା ୬୯.୪୨ ପ୍ରତିଶତ ଲୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି । ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀ ରେ ୬୩ ପ୍ରତିଶତ, ଝିରିଗାଁ ନିର୍ବାଚନ ମଣ୍ଡଳୀରେ ୭୪ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୧ ପ୍ରତିଶତ ଏବଂ ତାବୁ ଗାଁ ନିର୍ବାଚନ ମଣ୍ଡଳୀରେ ୬୮ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଲୋଟର ତାଲିକା ପ୍ରସ୍ତୁତ କରାଯାଉଛି । ବି ଏଲ ଓ ମାନେ ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ ସହ ଫର୍ମ ପୂରଣ ରେ ମାର୍ଗଦର୍ଶନ କରୁଛନ୍ତି । ଫର୍ମ ପୂରଣ ପରେ ଲୋଟରଙ୍କ ଠାରୁ ଗ୍ରହଣ କରି ଏକ ପ୍ରାପ୍ତି ସ୍ୱୀକାର ପତ୍ର ଲୋଟରଙ୍କୁ ଦେଉଛନ୍ତି । ଏହି ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରତ୍ୟେକ ଦିନ ଇ ଆର୍ ଓ ଏଚ୍ ଏ ଇ ଆର୍ ଓ କ୍ଷେତ୍ର ପରିଦର୍ଶନ କରୁଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ଏବଂ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଟି ଏଲ ଓ, ସୁପରଭାଇଜର କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି । ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ପ୍ରତ୍ୟେକ ଲୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

ପ୍ରକଳ୍ପ ଅଧିକାର ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

ବଣପଲ୍ଲୀ, ୦୭/୦୬ (ଆ.ପ୍ର) : ପ୍ରକଳ୍ପ ଅଧିକାର ଦ୍ୱାରା ବଣପଲ୍ଲୀ ବ୍ଲକ ଅନ୍ତର୍ଗତ ଶ୍ରୀଗୁଡ଼ିପଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଓ ନୂଆଗାଁ ବ୍ଲକ ଅନ୍ତର୍ଗତ ଯାଳେଡ଼ା ଗ୍ରାମ ପଂଚାୟତର ଆଦିମ ଅଧିବାସୀ ଗ୍ରାମ ଛଣବଣିଆରେ ଗ୍ରାମ୍ୟ ଗୋଷ୍ଠୀଙ୍କ ଉଦ୍ୟମରେ ଏବଂ ଅଧିକାର ମିତ୍ର ସରୋଜିନୀ ମଳିକଙ୍କ ଆୟୋଜନ କ୍ରମେ ପ୍ରତି ବର୍ଷ ପରି ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି ।ଗ୍ରାମ୍ୟ ମହିଳା ସଂଗଠନ ମଣ୍ଡଳୀଙ୍କ ଦ୍ୱାରା ପରିବେଶ ସୁରକ୍ଷା, ବୃକ୍ଷ ରୋପଣ,ଜଙ୍ଗଲ, ପ୍ରକୃତି ଓ ଜୈବ ବିବିଧତାର ସଂରକ୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ଏହାର ପ୍ରମୁଖ ଉଦ୍ଦେଶ୍ୟ ବିଷୟରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା ।ଅଧିକାର ମିତ୍ର ଅରିମନ୍ୟୁ ସାହୁ, ପ୍ରକାଶ ମଣ୍ଡଳ, ଦାମୋଦର ନାୟକ, ପ୍ରତୀପ ସାହୁ, ମନୋରଞ୍ଜନ ସ୍ୱାଇଁ,ବବିତା ନାୟକ, ଉର୍ମିଳା ଯାନା, ପ୍ରତିମା ପ୍ରଧାନ ଓ ମମୀତା ନାୟକ ଉପସ୍ଥିତି ଏ ଉପରେ ଯୋଗଦାନ କରି ବିଶ୍ୱ ପରିବେଶ ଦିବସର ଅଭିମୁଖ୍ୟ ଓ ଏହାର ଉଦ୍ଦେଶ୍ୟ ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ । ସୁସ୍ଥ ପରିବେଶ ମନୁଷ୍ୟ ଜୀବନର ମୂଳ ଆଧାର ସହିତ ପ୍ରାକୃତିକ ସମ୍ପଦର ସୁରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମତାମତ ଦେଇଥିଲେ । ଶେଷରେ ଗ୍ରାମ୍ୟ ସରପଂଚ ସମ୍ମାନ୍ୟ ଧନ୍ୟବାଦ ଦେବା ସହିତ ସୁକ୍ଷିକ, ନୀତ ନାଶକ ଔଷଧ, ରାସାୟନିକ ସାର ଜନ୍ୟଥା ପ୍ରୟୋଗ ନ କରି ଜୈବିକ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ମା' ଜାଗୁଲେଇ ଯୁବକ ସଂଘ ପକ୍ଷରୁ ବିଶ୍ୱ ସାଇକେଲ ଦିବସ ପାଳନ ସହ ସଫେଇ କାର୍ଯ୍ୟକ୍ରମ

ଧାମନଗର, ୦୭/୦୬ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ସଂଚାୟତ ଠାରେ ମା' ଜାଗୁଲେଇ ଯୁବକ ସଂଘ ତରଫରୁ ବିଶ୍ୱ ସାଇକେଲ ଦିବସ ମହା ସମାରୋହରେ ପାଳିତ ହୋଇଥିବା ବେଳେ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ସଂଘର ସଭାପତି ଗୁଳାଣି ସାହୁଙ୍କ ନେତୃତ୍ୱରେ ପ୍ରଥମେ ଯୁବକ ଓ ଯୁବତୀ ମାନଙ୍କ ଦ୍ୱାରା ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ବିଭିନ୍ନ କ୍ଷେତ୍ରରେ ତଥା ସାଧାରଣ ଜ୍ଞାନ ଏବଂ ସ୍ପୋ-ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ସ୍ପୋ ସାଇକେଲରେ ସମ୍ପନ୍ନ କୁମାର ସାହୁ ପ୍ରଥମ, ଶୁଭମଜ୍ୟୋତି ରାଉତ ଦ୍ୱିତୀୟ ଏବଂ ପ୍ରକାଶ ମଳିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସାଧାରଣ ଜ୍ଞାନରେ ପ୍ରିୟଙ୍କା ଶ୍ରୀଚନ୍ଦନ ପ୍ରଥମ ଶୁଭସ୍ମିତା ସୂତାର ଦ୍ୱିତୀୟ ଏବଂ ସୋମ୍ୟାଶ୍ରୀଶ୍ରୁତି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମ୍ପାଦିକା ସୁଜାତି ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୋଡ଼ି ସେଂଟରର ମୁଖ୍ୟ ଲକ୍ଷ୍ମୀଶ କୁମାର ସାହୁ,ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିକ୍ଷା ସାହୁ ଏବଂ ସ୍ଥାନୀୟ ସରପଂଚ ପ୍ରତିନିଧି ହିମାଂଶୁ ଚରଣ ବେହେରା ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ସାଇକେଲ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରତିଯୋଗୀଙ୍କରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପୁରସ୍କାର କରାଯାଇଥିଲା । ସଂଘର ସଦସ୍ୟ ଆଦିତ୍ୟ ମହାପାତ୍ର, ଗଣେଶ ସାହୁ,ଓମପ୍ରକାଶ ସାହୁ,ବାଦଲ ବସନ୍ତିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପୁରୁଷୋତମ ମାସର ମାହାତ୍ମ୍ୟ ସମ୍ପର୍କ ଏକ ଆଲୋଚନା ଚକ୍ର ଅନୁଷ୍ଠିତ

ପୁରୀ, ୦୭/୦୬ (ଆ.ପ୍ର) : ଶ୍ରୀ ଶ୍ରେଷ୍ଠଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବିଦ୍ୟା ଗବେଷଣା ପ୍ରତିଷ୍ଠାନ ତରଫରୁ ମଣିରାମ ମଠ ଭଜନ ମଣ୍ଡପ ଠାରେ ପୁରୁଷୋତମ ମାସର ମାହାତ୍ମ୍ୟ ସମ୍ପର୍କ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇ ଅଛି । ପ୍ରଚାରରେ ପୋଷୁଲିଆ ମଠ ମହାମଣ୍ଡେଳେଶ୍ୱର ମହନ୍ତ ରାମକୃଷ୍ଣ ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା ଗୀତା ଓ ବେଦପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଅନୁଷ୍ଠାନର ସଭାପତି ପ୍ରଧାପକ ଡ଼. ବଳରାମ ଦାସ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ଅତିଥି , ଗୁରୁତ୍ତ୍ୱ ପ୍ରବଚକ, ଜ୍ୟୋତିର୍ବିତ ପ୍ରଦ୍ୟୁମ୍ନଂଗାଣ୍ଡାନ ଅଛେ । ମହିପ୍ରକାଶ ମଠମହନ୍ତ ଶୁଭାଳନନ୍ଦପୁରୀ, ମହନ୍ତ ରାମ ଚରଣ ଦାସ, ମଣିରାମ ମଠ ମହନ୍ତ ଅଭିରାମ ଦାସ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସମାଜ ସେବୀ ମନୋଜ କୁମାର ରଥ, ଜ୍ୟୋତିର୍ବିଦ ଅନାମଚନ୍ଦ୍ର ସାହୁ, ଯୋଗଦେଇ ପୁରୁଷୋତମ ମାସର ମାହାତ୍ମ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ । ସେମାନେ କହିଲେ, ମନମାସ,ନୁହେଁ ଏହା ପୁରୁଷୋତମ ମାସ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀସୌର ମାସ ୩୬୫ ଦିନ୬ଘଂଟାରେ ହୁଏ ଚନ୍ଦ୍ର ମାସ ଗଣନାରେ ୧ବର୍ଷ ୩୫୪ଦିନରେ ହୁଏ । ଏଣୁ ୧୧ଦିନ ୬ ଘଂଟା ପାର୍ଥକ୍ୟ ଜେତୁ ସୌରମାସ ଓ ଚନ୍ଦ୍ର ମାସ ସମାନତା ପାଇଁ ୧୧ ଦିନ ୬ ଘଂଟ ନିମିତ ୨୮ରୁ ୩୪ ମାସ ମଧ୍ୟରେ ଏକ ମାସ ଅଧିକ ହୁଏ । ପୁରୁଷୋତମ ମାସ । ବିଷ୍ଣୁଙ୍କର ଅତିପ୍ରିୟ ମାସ । ଏହିମାସରେ ଭକ୍ତମାନେ ମହାପ୍ରଭୁଙ୍କ ନିକଟରେ ଭଜନ, କୀର୍ତ୍ତନ ଓ ଜଣାଣ କରି ଲାଭ ଉଲ୍ଲିସହ ସମୟରେ ନିମଗ୍ନ ରହିଲେ କୋଟି ପୁଣ୍ୟ ମିଳେବଣ ଏହାକୁ ମଳମାସ କହିବା ଅନୁଚିତ । ଶ୍ରୀମନ୍ଦିରରେ ମଙ୍ଗଳା ମନ୍ଦିର ସମ୍ମୁଖରେ ଥିବା ମନ୍ଦିରରେ ବାଲାଜୀ ନାରାୟଣ ରୂପୀ ସ୍ୱୟଂ ଶ୍ରୀଜଗନ୍ନାଥ ପୁରୁଷୋତମଙ୍କୁ ଏକ ମଷସ ଧଳି କିଶୋର ସହ ସ୍ୱତନ୍ତ୍ର ପୁଷ୍ପ ଧୂପ ଦୀପ,ନୈବେଦ୍ୟ, ଫିଠା ପଣା ଇତ୍ୟାଦି ରୋଗ କରି ଭକ୍ତମାନେ କୃତ୍ୟକୃତ୍ୟ ହୁଅନ୍ତି । ଅନ୍ୟ ବାରମାସର ବିଷ୍ଣୁ ଙ୍କୁ ବିଭିନ୍ନ ନାମରେ ପୂଜା କରାଯାଏ । ଏଥିମଧ୍ୟରେ ବିଷ୍ଣୁଙ୍କୁ ପୁରୁଷୋତମ ଭାବେ ପୂଜା କରାଯାଏ । ସାଧୁ ସନ୍ତ ମାନଙ୍କର ଏହି ମାସ ଅତି ପ୍ରିୟ । ମଠ ମନ୍ଦିରରେ ଶ୍ରଦ୍ଧାଳୁ ମାନେ ପୁରୁଷୋତମଙ୍କୁ ଶ୍ରୁଷ ପୁଡ ରୂପେ ପୂଜା କରନ୍ତି । କବି ଶିତ ସୁନ୍ଦର ମିଶ୍ର ସଂଯୋଜନା କରଥିବା ବେଳେ ସାମ୍ବାଦିକ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବ ଚନ୍ଦ୍ର ସାହୁ, ଓ ଶତାଧିକ ଭକ୍ତ ଉପସ୍ଥିତ ରହି ଭଜନ କୀର୍ତ୍ତନ କରି ଥିଲେ ।

ଏସ୍ ଉଇ କ୍ୟାନ୍ ତରଫରୁ ସିଲେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ

ମାହାଙ୍ଗା, ୦୭/୦୬ (ଆ.ପ୍ର) : ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୋପାଳପୁର ପଂଚାୟତର ଗୋପାଳପୁର ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍‌ଉଇକ୍ୟାନ୍ କାର୍ଯ୍ୟାଳୟ ପରିସରରେ ସଂଗଠନର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳଙ୍କ ସଭାପତିତ୍ୱରେ ସିଲେଇ ତାଲିମ ନେଇଥିବା ଗ୍ରାମାଂଚଳ ମହିଳା ମାନଙ୍କୁ ପ୍ରମାଣପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ସେଇଠାରୁ
ଆରମ୍ଭ
SEITHO ARAMBHA
ସୋମବାର, ୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ବ୍ଲୁ ଟାଇଗ୍ରେସ୍‌ଙ୍କ ଗର୍ଜନ; ବାଂଲାଦେଶକୁ ହରାଇ ଷଷ୍ଠ ଟାଇଟଲ୍ ଜିତିଲା ଭାରତ

ନୂଆଦିଲ୍ଲୀ, ୭/୬(ନ୍ୟୁ.ଏ): ଭାରତୀୟ ମହିଳା ଫୁଟବଲ୍ ଦଳ ଦ୍ୱୀପୀ ୭ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ଚଳିତ ବର୍ଷ ସାଫ୍ ଚାମ୍ପିୟନସିପ୍ ଚାମ୍ପିୟନ ହୋଇ ଗୌରବ ଅର୍ଜନ କରିଛି । ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଦଳ ବାଂଲାଦେଶକୁ ୩-୧ ଗୋଲରେ ପରାସ୍ତ କରି ଷଷ୍ଠ ଥର ପାଇଁ ସାଫ୍ ମହିଳା ଚାମ୍ପିୟନସିପ୍ ଜିତିଛି । ଓଡ଼ିଆ ଝିଅ ପାଲୀ ଶାଖା ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଚାମ୍ପିୟନ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରୀୟ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ । ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା । ୪୨ତମ ମିନିଟରେ ପାଲୀ ଗୋଡିଏ ଦର୍ଶନୀୟ ଗୋଲ୍ କରି ଗାଡରର ଖାତା ଖୋଲିଥିଲେ । ମାତ୍ର ବାଂଲାଦେଶ ଜନଜୁଆରୀ ଗାଡମରେ ଗୋଲ୍ ପରିଶୋଧ କରିଥିଲା । ସାନଫିଦା ମୋଙ୍ଗମ (୪୬ତମ ମିନିଟ୍) ଏବଂ ଲିଣ୍ଡା କୋମ୍ ସେରୋ (୮୨ତମ ମିନିଟ୍) ଗୋଲ କରିଥିଲେ । ବାଂଲାଦେଶର ଏକମାତ୍ର ଗୋଲ ଚରୁ ଫୋର୍ମା ଚକମା (୪୫ତମ ଏବଂ ୨୫ ମିନିଟ୍) କରିଥିଲେ । ଆୟୋଜକ ଦଳ ଗ୍ରୁପ ପର୍ଯ୍ୟାୟରେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୦ ଗୋଲରେ ପରାସ୍ତ କରିଥିଲା । ଟିମ୍ ଜଣିଆର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ । ଭାରତୀୟ ଫୁଟବଲ୍ ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି । ଝଇଲର ମହିଳା ଚାମ୍ପିଅନସିପ୍ ୨୦୨୬ ଟ୍ରଫି ଉଠାଇବା ପାଇଁ ଆମର ବ୍ଲୁ ଟାଇଗ୍ରେସଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଭାରତ ଗୋଟିଏ ବି ମ୍ୟାଚ୍ ନ ହାରି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଶେଷ କରିଛି । ଟୁର୍ଣ୍ଣାମେଣ୍ଟରେ ୧୮ ଟି ଗୋଲ କରିଛି । ଯାହା ସୋମାଳଙ୍କର ପ୍ରାଧାନ୍ୟତାର ଏକ ଷଷ୍ଠ ଉଦାହରଣ । ଭାରତୀୟ ଦଳ ମାଳଦ୍ୱୀପ ବିରୁଦ୍ଧରେ ୧୧-୦ ବିଜୟ ଚଳିତ ସୋମାଳଙ୍କର ଅଭିଯାନ ଆରମ୍ଭ କରିଥିଲା ଏବଂ ତା'ପରେ ବାଂଲାଦେଶକୁ ୩-୩ ଗୋଲରେ ପରାସ୍ତ କରି ଗ୍ରୁପ୍‌ର ଶୀର୍ଷରେ ପହଂଚିଥିଲା । ଲଗାତାର ପାଂଚ ଥର ଗାଡରକୁ ଜିତିବା ପରେ, ଭାରତ ପୂର୍ବ ଦୁଇଟି ସଂସ୍କରଣରେ ପାଇଲାଳାରେ ପହଂଚିପାରି ନଥିଲା । ବାଂଲାଦେଶ ନେପାଳକୁ ପରାସ୍ତ କରି ଉଭୟ ଥର (୨୦୨୨ ଏବଂ ୨୦୨୪) ଟ୍ରଫି ଜିତିଥିଲା । ଭାରତ ଶେଷ ଥର ପାଇଁ ୨୦୧୯ରେ ଏହି ଟାଇଟଲ ଜିତିଥିଲା । ଏହା ସହିତ ୨୦୧୦, ୨୦୧୨, ୨୦୪, ୨୦୧୬ ସଂସ୍କରଣରେ ବି ବିଜେତା ହୋଇଥିଲା । ଏହି ବିଜୟ ଆୟୋଜକ ଦଳ ପାଇଁ ଏକ ସ୍ମରଣୀୟ ଟୁର୍ଣ୍ଣାମେଣ୍ଟ ହୋଇ ରହିବ । ଆଣ୍ଡେଲା ସିଂହ ୪ଟି ଗୋଲ ସହିତ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର ହୋଇଛନ୍ତି । ସାନଫିଦା ମୋଙ୍ଗମ ସବୁଠାରୁ ମୂଲ୍ୟବାନ ଖେଳାଳି ବିବେଚିତ ହୋଇଛନ୍ତି । ପାମୁଲ୍ଲେ ଚାନୁ ଏଲାଙ୍ଗବାମଙ୍କୁ ଶ୍ରେଷ୍ଠ ଗୋଲକିପର ପୁରସ୍କାର ମିଳିଥିଲା ।

ପ୍ରଜ୍ଞାନନ୍ଦାଙ୍କୁ ନରୱେ ଚେସ୍ ଟାଇଟଲ

ନୂଆଦିଲ୍ଲୀ, ୭/୬(ନ୍ୟୁ.ଏ): ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦା ଚଳିତ ବର୍ଷ ନରୱେ ଚେସ୍ ଚାମ୍ପିଅନ୍ ହେବାର ଗୌରବ ଲାଭ କରିଛନ୍ତି । ୧୦ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସେ ସର୍ବାଧିକ ୧୮ ପଏଂଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ପ୍ରଥମ ଭାରତୀୟ ଭାବେ ଏହି ଟାଇଟଲ୍ ଜିତି ଇତିହାସ ରଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆରେ ପ୍ରଜ୍ଞାନନ୍ଦାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ନରୱେ ରାଜଧାନୀ ଓସ୍ଲୋ ଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ତଥା ଦଶମ ରାଉଣ୍ଡରେ ପ୍ରଜ୍ଞାନନ୍ଦା ଜର୍ମାନୀର ଲିନେଂଟ ଜିମଲଙ୍କୁ ହରାଇ ଟୁର୍ଣ୍ଣି ଉଠାଇବାରେ ସଫଳ ହୋଇଥିଲେ । ଗାଇଟଲ ପଥରେ ସେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୭ଥର ଚାମ୍ପିଅନ୍ ମାଗନସ୍ କାର୍ଲସେନଙ୍କୁ ୨ ଥର ପରାଜିତ କରିଥିଲେ । ଆମେରିକାର ଦ୍ୱେସଲି ସୋ ୧୭ ପଏଂଟ ସହ ଦ୍ୱିତୀୟ, ଫ୍ରାନ୍ସର ଅଲିରେଜା ଫିରୋଜା ୧୫.୫ ପଏଂଟ ସହ ତୃତୀୟ, କାର୍ଲସେନ ୧୩ପଏଂଟ ସହ ଚତୁର୍ଥ, ଜିମର ୧୧ ପଏଂଟ ସହ ପଂଚମ ଏବଂ ବିଶ୍ୱ ଚାମ୍ପିଅନ୍ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ୮ ପଏଂଟ ସହ ଷଷ୍ଠ ସ୍ଥାନରେ ରହିଥିଲେ । ଗୁକେଶ ଅନ୍ତିମ ରାଉଣ୍ଡରେ କାର୍ଲସେନଙ୍କ ନିକଟରୁ ହାରି ଯାଇଥିଲେ । ମହିଳା ବର୍ଗରେ କାଜାଖସ୍ତାନର ବି ବି ସ । ର । ଆ । ସାରା ବାୟେଭା ୧୬.୫ ପଏଂଟ ସହ ଚାମ୍ପିଅନ୍ ହୋଇଛନ୍ତି । ବିଶ୍ୱ ଚାମ୍ପିଅନ୍ ଭାରତୀୟ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ୧୦ ପଏଂଟ ସହ ପଂଚମ ଓ ହମ୍ପି କୋନେରୁ ୯ ପଏଂଟ ସହ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ । ପ୍ରଜ୍ଞାନନ୍ଦା ଦ୍ୱିତୀୟ ଥର ପାଇଁ ନରୱେ ଚେସରେ ଖେଳୁଥିଲେ । ଏହି ଏଲିଟ୍ ୬ ଜଣିଆ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଆରମ୍ଭ ଧୀର ଥିଲା, କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ତାଙ୍କ ଅଭିଯାନର ମୁଖ୍ୟ କଥା ହେଉଛି ବିଶ୍ୱ ନମ୍ବର ୧ ଏବଂ ୭ ଥର ନରୱେଜିଆନ୍ ଚେସ୍ ଚାମ୍ପିଅନ୍ ମାଗନସ୍ କାର୍ଲସେନଙ୍କୁ ଚେସରେ ଦୁଇଥର ପରାସ୍ତ କରିବା । ଏହି ସଫଳତା ତାଙ୍କ ଲବ୍ଧୁଆ ମନୋଭାବର ପ୍ରମାଣ, ବିଶେଷକରି ଚଳିତ ବର୍ଷ

କକ୍ରୋଚ୍ ଜନତା ପାର୍ଟିଠାରୁ ଦୂରରେ ରହିବାକୁ ମୁସଲିମ ଯୁବକଙ୍କୁ ମସଜିଦରୁ ନିବେଦନ

ନୂଆଦିଲ୍ଲୀ, ୭/୬(ନ୍ୟୁ.ଏ): ଶନିବାର ଜନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟିର ପ୍ରଦର୍ଶନକୁ ନେଇ ମୁସଲିମ ସାମାଜିକ ଗଣମାଧ୍ୟମ, ମସଜିଦ, ହ୍ୱାଟ୍‌ସଏପ୍ ଗ୍ରୁପ ଓ ଅନ୍ୟାନ୍ୟ ମାଧ୍ୟମରେ ଏକ ସତର୍କତାର ସନ୍ଦେଶ ପ୍ରଚାରିତ ହୋଇଛି । ମୁସଲିମ ଯୁବକମାନେ କକ୍ରୋଚ୍ ଜନତା ପାର୍ଟିର ପ୍ରଦର୍ଶନରୁ ଦୂରେଇ ରହିବା ପାଇଁ ଅନୁରୋଧ କରାଯାଇଛି । ସୋସିଆଲ ମିଡିଆରେ ପ୍ରଚାରିତ ପୋଷ୍ଟଗୁଡ଼ିକରେ ସତେଚନ କରାଯାଇଛି ଯେ, କେବଳ କିଛି ସଂଗଠନ ପ୍ରତିବାଦ ଦାଖଲିକାରୀ ସମ୍ପର୍ଯ୍ୟାର ରୂପ ନେଇପାରେ । ଗିରଫ, ଜେଲ, ମିଡିଆ ଟ୍ରାୟଲ ଓ ଦେଶଦ୍ରୋହୀ ଅଭିଯୋଗ- ଏସବୁରେ ପ୍ରଥମେ ଯୁବକମାନେ ହିଁ ଶିକାର ହେବାର ଆଶଙ୍କା ରହିଛି । ଜଣେ କଲେଜ ଛାତ୍ର ଅଶରଫଙ୍କ କହିବା ଅନୁସାରେ, ତାଙ୍କ ପିତା ଷଷ୍ଠଭାବେ ପ୍ରଦର୍ଶନରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ପ୍ରଥମେ ନିଜ କ୍ୟାରିୟରର ଯତ୍ନ ନେବାକୁ କହିଛନ୍ତି । ମସଜିଦର ଇମାମମାନେ ମଧ୍ୟ ସତର୍କତାର ସନ୍ଦେଶ ପ୍ରଚାରଣ କରିଛନ୍ତି । ଶୁକ୍ରବାର ଶନିବାରର ଏକ ମସଜିଦରେ ପ୍ରାର୍ଥନା ପରେ ଜଣେ ଇମାମ ମୁସଲମାନ ଯୁବକମାନଙ୍କୁ ବିଶେଷରେ ଯୋଗ ଦେବା ପୂର୍ବରୁ ଗମ୍ଭୀର ଭାବେ ଚିନ୍ତା କରିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ, ସଚ୍ଚିଦାନ୍ଦ କେବଳ ରାସ୍ତାକୁ ଓହ୍ଲାଇବା ନୁହେଁ; ପ୍ରକୃତ ପରିବର୍ତ୍ତନ ଶିକ୍ଷା, ଅର୍ଥନୈତିକ ପ୍ରଗତି ଓ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆସିଥାଏ । ବାଟରା ହାଉସ ମସଜିଦର ଇମାମ ଅହମଦ କହିଛନ୍ତି, ଇସଲାମ ଆମକୁ ନ୍ୟାୟ ପାଇଁ ଛିଡ଼ା ହେବାକୁ ଶିକ୍ଷା ଦିଏ । ଅନାବଶ୍ୟକ କ୍ଷତି ଓ ଅରାଜକତାଠାରୁ ଦୂରେଇ ରହିବାକୁ ଶିଖାଏ । କେ?ଶସି ବି ପ୍ରଦର୍ଶନରେ ଭାଗ ନେବା ପୂର୍ବରୁ ମୁସଲମାନ ଯୁବକ ନିଜକୁ ପଚାରିବା ଉଚିତ ଏହାର ଉଦ୍ଦେଶ୍ୟ କ'ଣ? କିଏ ଏହାକୁ ଆୟୋଜନ କରୁଛି? ଏହା ଶାନ୍ତିପୂର୍ଣ୍ଣ ହେବ ନା ହିଂସାତ୍ମକ? ସେଠାକୁ ଗଲେ ଆମର ଲାଭ ହେବ ନା କ୍ଷତି? ତେବେ ମୁସଲମାନ ସମାଜ ଭିତରେ ସମସ୍ତଙ୍କର ମତ ସମାନ ନୁହେଁ । କିଛି ମତ ଅନୁସାରେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କର ଲୋକତାନ୍ତ୍ରିକ ଅଧିକାର ଏବଂ ଏହାକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିବା ଉଚିତ ନୁହେଁ।

ଫିଫା ବିଶ୍ୱକପ୍ ଖେଳିବା ପାଇଁ ଆମେରିକା ଯିବେ ଇରାନୀ ଦଳ

ୱାଶିଂଟନ, ୭/୬(ନ୍ୟୁ.ଏ): ୨୦୨୬ ଫିଫା ବିଶ୍ୱକପ୍‌ଆରମ୍ଭ ହେବା ପୂର୍ବରୁ, ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଚରମ ପର୍ଯ୍ୟାୟରେ ପହଂଚିଛି । ଆମେରିକା ଇରାନର ଜାତୀୟ ଫୁଟବଲ୍ ଦଳର ଖେଳାଳିମାନଙ୍କୁ ଭିସା ପ୍ରଦାନ କରିଛି, କିନ୍ତୁ ସେମାନଙ୍କ ସହିତ ଆସୁଥିବା ଦ୍ୱାଳକୁମ୍ ଷ୍ଟାଫ୍ ଏବଂ ପରିଚାଳନା ସଦସ୍ୟଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛି । ଇରାନ ଏହି ନିଷ୍ପତ୍ତିର କଡ଼ା ବିରୋଧ କରିଛି, ଏହାକୁ କ୍ରୀଡ଼ାରେ ରାଜନୈତିକ ହସ୍ତକ୍ଷେପ ବୋଲି କହିଛି । ଆକର୍ଷଣୀୟ କଥା ହେଉଛି, ବିଶ୍ୱକପ୍ ଇତିହାସରେ ଏହା ପ୍ରଥମ ଥର ଯେ, ଏକ ଆୟୋଜକ ଦେଶ ଏପରି ଏକ ଦଳକୁ ସ୍ୱାଗତ କରୁଛି ଯାହା ସହିତ ଯୁଦ୍ଧ କରୁଛି । ଜୁନ୍ ୧୫ ତାରିଖରେ ଲସ୍ ଆଞ୍ଜେଲସ୍‌ରେ ଇରାନର ପ୍ରଥମ ମ୍ୟାଚ୍ ପୂର୍ବରୁ ସମସ୍ତ ଖେଳାଳି ଏବଂ ଜରୁରୀ ସହାୟକ କର୍ମଚାରୀଙ୍କୁ ଭିସା ପ୍ରଦାନ କରାଯାଇଥିବା ଆମେରିକୀୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ?ତେବେ ଆମେରିକା ଏହା ମଧ୍ୟ ଦୃଢ଼ ଭାବରେ କହିଛି ଯେ ମିଆ ବାହାନାରେ ଆମେରିକାରେ ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବା ପାଇଁ ଇରାନକୁ ଏହି ବ୍ୟବସ୍ଥାର ସୀମାବା ଉଠାଇବାକୁ ଅନୁମତି ଦିଆଯିବ ନାହିଁ । ଫେଡେରେସନର ପ୍ରଶାସନିକ ଅଧିକାରୀ ଏବଂ ପୂର୍ବତନ ସେନିକଙ୍କ ଉପରେ ନିଷେଧାଜ୍ଞା ଜାରି କରାଯାଇଛି । ଇରାନ ଅଭିଯୋଗ କରିଛି ଯେ, ଆମେରିକା ଜାତିଶୁଣ୍ଡି ପ୍ରମୁଖ ଦଳର ସଦସ୍ୟମାନଙ୍କୁ ଅବରୋଧ କରିଛି, ଯାହାକି ଟିମ ଦଳର କାର୍ଯ୍ୟ କରିବା କଷକର । ତୁର୍ଣ୍ଣାରେ ଥିବା ଇରାନୀ ଦୂତାବାସ ଅନୁଯାୟୀ, ଆମେରିକା ପରିଚାଳନା, କାର୍ଯ୍ୟନିର୍ବାହୀ କର୍ମଚାରୀ ଏବଂ ବୈଜ୍ଞାନିକ ପରାମର୍ଶଦାତାଙ୍କ ଏକ ବଡ଼ ଦଳକୁ ଭିସା ଦେବାକୁ ମନା କରିଛି । ଏହା ଏକ ସାମ୍ପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନିଷ୍ପତ୍ତି । ଇରାନୀ ଗଣମାଧ୍ୟମ ଅନୁଯାୟୀ, ଭିସା ମନା କରାଯାଇଥିବା ଲୋକଙ୍କ ମଧ୍ୟରେ ଫୁଟବଲ୍ ଫେଡେରେସନର ସଭାପତି, ତାଙ୍କ ଡେପୁଟି ଏବଂ ମିଡିଆ ନିର୍ଦ୍ଦେଶକଙ୍କ ସହିତ ପ୍ରାୟ ୧୫ ଜଣ ପ୍ରଶାସନିକ ଅଧିକାରୀ ସାମିଲ ଅଛନ୍ତି । ଏହି ଜଟକଣ୍ଟା ସତ୍ତ୍ୱେ, ଇରାନୀ ଦଳ ଶନିବାର ତୁର୍କୀରେ ଥିବା ଏହାର ତାଲିମ କେନ୍ଦ୍ରରୁ ମେକ୍ସିକୋ ଅଭିମୁଖେ ଯାତ୍ରା କରିଛି, ଯେଉଁଠାରେ ଏହା ବିଶ୍ୱକପ୍ ସମୟରେ ଏହାର ଗୃହ ମୁଖ୍ୟ କେନ୍ଦ୍ର ହେବ । ପ୍ରାୟ ୨୦ ଘଂଟାର ଯାତ୍ରା ପରେ, ଦଳ ମେକ୍ସିକୋରେ ପହଂଚିବାର ଆଶା କରାଯାଇଛି । ମେକ୍ସିକୋର ଇରାନର ରାଷ୍ଟ୍ରଦୂତ ଶନିବାର ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ କରିଛନ୍ତି । ସେ ବ୍ୟାଖ୍ୟା କରିଛନ୍ତି ଯେ, ଆମେରିକାର ଭିସା ସର୍ଟ ଅନୁଯାୟୀ, ଇରାନୀ ଖେଳାଳି ଏବଂ କର୍ମଚାରୀମାନଙ୍କୁ କେବଳ ମ୍ୟାଚ୍ ବିନଗୁଣ୍ଡି କରେ ଆମେରିକାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ଏବଂ ମ୍ୟାଚ୍ ଶେଷ ହେବା ପରେ ସେହି ଦିନ ଫେରିବାକୁ ପଡିବ । ଏହାର ଅର୍ଥ ହେଉଛି ସେମାନେ ଟୁର୍ଣ୍ଣାମେଣ୍ଟ ସମୟରେ ଆମେରିକାରେ ରହିପାରିବେ ନାହିଁ । ଇରାନୀ ଦୂତାବାସ ଆମେରିକାର ଏହି ପଦକ୍ଷେପକୁ ନିନ୍ଦା କରିଛି । ଇରାନ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆମେରିକା

ଘରୋଇ ଗ୍ୟାସ ଦର ୨୯ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୭/୬(ନ୍ୟୁ.ଏ): ଦେଶରେ ମୁଦ୍ରାସ୍ଫୀତି ସାଧାରଣ ଲୋକଙ୍କୁ ନାଜେହାଲ କରିଛି । ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଙ୍ଗା ହେଉଛି । ସାଧାରଣ ଜନତାଙ୍କୁ ଦରଦାମ ବୃଦ୍ଧିର ଆଉ ଏକ ବଡ଼ ଝଟକା ଲାଗିଛି । ତେଲ, ସିଏନଜି ଏବଂ କମର୍ସିଆଲ ଗ୍ୟାସ ଦର ଲଗାତାର ବଢିବା ପରେ ଏହେ ଘରୋଇ ଏଲପିଜି ସିଲିଣ୍ଡର ଦରରେ ବୃଦ୍ଧି ହୋଇଛି । ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି ହୋଇଛି । ଆଜିଠୁ ସାରା ଦେଶରେ ନୂଆ ଦର ଲାଗୁ ହୋଇଛି । ଦିଲ୍ଲୀରେ ବର୍ତ୍ତମାନ ଏହି ବୃଦ୍ଧି ସହିତ ଦର ୯୪୨ ଟଙ୍କା ରହିଛି । ପୂର୍ବରୁ ୧୪.୨ କେଜି ସିଲିଣ୍ଡରର ମୂଲ୍ୟ ଥିଲା ୯୩୯ ଟଙ୍କା । ମାର୍ଚ୍ଚରେ ଘରୋଇ ଗ୍ୟାସ୍ ସିଲିଣ୍ଡର ୬୦ ଟଙ୍କା ବୃଦ୍ଧି ହୋଇଥିଲା । ସାଧାରଣ ଲୋକଙ୍କୁ ଦରବୃଦ୍ଧିର ଏହା ଆଉ ଏକ ଝଟକା ଦେଇଛି । ଶନିବାର ରାତିରେ ଘରୋଇ ରନ୍ଧନ ଗ୍ୟାସ୍ ଏଲପିଜି ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି ହୋଇଛି । ଏହି ବର୍ଦ୍ଧିତ ଦର ୭ ତାରିଖ ମଧ୍ୟରାତ୍ରରୁ ଲାଗୁ କରାଯାଇଛି । ଗତ ୩ ମାସରେ ଘରୋଇ ଏଲପିଜି କ୍ଷେତ୍ରରେ ଏହା ଦ୍ୱିତୀୟ ବୃଦ୍ଧି । ଏହା ପୂର୍ବରୁ ଗତ ମାର୍ଚ୍ଚ ୭ ତାରିଖରେ ଘରୋଇ ଏଲପିଜି ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ାଯାଇଥିଲା ।

ଜେଡ୍-ପ୍ଲସ୍ ସୁରକ୍ଷାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ରକୁ ଚିଠିଲେଖିଲେ ଅନ୍ନାମଲାଇ

ଚେନ୍ନାଇ, ୭/୬(ନ୍ୟୁ.ଏ): ଭାରତୀୟ ଜନତା ପାର୍ଟି ଛାଡ଼ିବା ପରେ କେ. ଅନ୍ନାମଲାଇ କେନ୍ଦ୍ରୀୟ ସୁରକ୍ଷା ବ୍ୟବସ୍ଥା ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଜେଡ୍-ପ୍ଲସ୍ ସୁରକ୍ଷାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ଗୃହମନ୍ତ୍ରାଳୟକୁ ଚିଠି ଲେଖିଛନ୍ତି । କେ. ଅନ୍ନାମଲାଇ ଜୁନ ଦୁଇ ତାରିଖରେ ବିଜେପିରୁ ଇସ୍ତଫା ଦେଇଥିଲେ ଏବଂ ଦଳ ଜୁନ ୬ ତାରିଖରେ ଏହାକୁ ଗ୍ରହଣ କରିଥିଲା । ଏହା ପରେ କେନ୍ଦ୍ରୀୟ ସୁରକ୍ଷା ପ୍ରତ୍ୟାହାର କରିବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି । ବିଜେପି ଛାଡ଼ିବା ପରେ ଅନ୍ନାମଲାଇ ତାଙ୍କର ପୁରୁଣା ଟ୍ୱେଟସାଇଟ୍ 'We The Leaders' ମାଧ୍ୟମରେ ଯୁବପିଢ଼ି ଓ ସାଧାରଣ ଲୋକଙ୍କୁ ଯୋଡ଼ିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛନ୍ତି । ସେ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ନିଜର ନୂଆ ରାଜନୈତିକ ଦଳ ଗଠନ କରିପାରନ୍ତି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ତାମିଲନାଡୁର ଅଂଚଳିକ ମିଡିଆ ରିପୋର୍ଟ ଅନୁଯାୟୀ, ଅନ୍ନାମଲାଇ ଗୃହ ମନ୍ତ୍ରାଳୟକୁ ଚିଠି ଲେଖି କହିଛନ୍ତି ଯେ ତାଙ୍କୁ ଏହି ଉଚ୍ଚସ୍ତରୀୟ ସୁରକ୍ଷାର ଆଉ ଆବଶ୍ୟକତା ନାହିଁ । ବିଜେପି ଅଧ୍ୟକ୍ଷ ହେବା ପରେ ଏହି ସୁରକ୍ଷା ବ୍ୟବସ୍ଥା ତାଙ୍କୁ ମିଳିଥିଲା । ପ୍ରଥମେ ତାଙ୍କୁ 'ୱାଇ' ସୁରକ୍ଷା ମିଳିଥିଲା । କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସିର ରିପୋର୍ଟ ଏହାକୁ 'ଜେଡ୍ ପ୍ଲସ୍' ଶ୍ରେଣୀକୁ ବଢ଼ାଇ ଦିଆଯାଇଥିଲା । ଅନ୍ନାମଲାଇ ଚିଠିରେ ଲେଖିଛନ୍ତି, ବର୍ତ୍ତମାନ ତାଙ୍କ ସୁରକ୍ଷା ପାଇଁ ୩୬ଜଣ ଅଧିକ ସିଆରପିଏଫ୍ ଯବାନ ନିୟୋଜିତ ଅଛନ୍ତି । ତାଙ୍କ ସୁରକ୍ଷା ପାଇଁ ରାଜ୍ୟ ପୁଲିସ ପର୍ଯ୍ୟାପ୍ତ । "ଶାସକ ଦଳକୁ ସୁରକ୍ଷା ମିଳେ, କିନ୍ତୁ ଲୋକଙ୍କୁ ଜଗପାଇବା ସବୁଠୁ ବଡ଼ ସୁରକ୍ଷା ।'' ବିଜେପି ଛାଡ଼ିବା ପରେ ସେ ନିଜ ସୋସିଆଲ ମିଡିଆ ଜାୟୋ ମଧ୍ୟ ପରିବର୍ତ୍ତନ କରି "ଜଣେ ରାଜନୀତିର ସଚ୍ଚାଳରେ ଜଣେ ସାଧାରଣ ଲୋକ" ବୋଲି ଲେଖିଛନ୍ତି । ତାମିଲନାଡୁ ବିଜେପିର ପୂର୍ବତନ ସଭାପତି ଅନ୍ନାମଲାଇ ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ । ସେ କର୍ଣ୍ଣାଟକ କ୍ୟାଡରର ଆଇପିଏସ୍ ଥିଲେ ଏବଂ 'ସାଉଥ ସିଂଘମ' ଭାବେ ପରିଚିତ । ତାଙ୍କ 'We The Leaders' ଟ୍ୱେଟସାଇଟ୍ ସହ ୨୪ ଘଂଟା ମଧ୍ୟରେ ୧୩ ଲକ୍ଷରୁ ଅଧିକ ଲୋକ ଯୋଡ଼ିଥିବା କୁହାଯାଇଛି । ଯୁବପିଢ଼ି ତାଙ୍କ ସହ ଯୋଡ଼ି ହେବାପରେ ସେ ନିଜ ସମର୍ଥକମାନଙ୍କ ସହ ମଧ୍ୟ ସାକ୍ଷାତ କରୁଛନ୍ତି ।

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ: ୫୬୪ ରନ୍ କରି ପାଳି ଘୋଷଣା କଲା ଭାରତ

ନୂଆଦିଲ୍ଲୀ, ୭/୬(ନ୍ୟୁ.ଏ): ଆଫଗାନିସ୍ତାନ ବିପକ୍ଷରେ ନ୍ୟୁ ଚଣ୍ଡିଗଢ଼ରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ଭାରତ ଇନିଂସ ଘୋଷଣା କରିଛି । ୮ ଡ଼ିକେଟ୍ ହରାଇ ୫୬୪ ରନ୍ କରି ଦଳ ତା'ର ପ୍ରଥମ ପାଳି ଘୋଷଣା କରିଛି । ଏହା ପରେ ଆଫଗାନିସ୍ତାନ ବ୍ୟାଟିଂ କରୁଛି । ପ୍ରତକାଳି ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଦଳ ୩ ଡ଼ିକେଟ୍ ହରାଇ ୩୬୮ ରନ୍ କରିଥିଲା । ଯଶସ୍ୱୀ ଜୈସୱାଲ ୨୪, କେଏଲ ରାହୁଲ ୧୦୦ ଓ ସାଇ ସୁଦର୍ଶନ